ବର୍ଷ-୨୬, ସଂଖ୍ୟା-୧୨୦
ଭୁବନେଶ୍ୱର
୦୪, ମଇ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 120
Bhubaneswar
04 May, , 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


## ଓମ୍‌ଫେଡ୍ ଦୁଗ୍ଧ ଲିଟର୍ ପିଛା ୪ ଟଙ୍କା ବୃଦ୍ଧି

ଭୁବନେଶ୍ୱର,୩।୫(ମହାଭାରତ):: ରାଜ୍ୟରେ ଓମ୍‌ଫେଡ୍ କ୍ଷୀର ଦାମରେ ବୃଦ୍ଧି ଘଟିଛି । ବିଭିନ୍ନ ବର୍ଗରେ ପ୍ରାୟ ୪ ଟଙ୍କା ଲେଖାଏଁ ଦର ବୃଦ୍ଧି ପାଇଛି । ଆଜିଠାରୁ ରାଜ୍ୟରେ ଓମ୍‌ଫେଡର ନୂଆ ଦର ଲାଗୁ ହୋଇଛି । ଓମ୍‌ଫେଡ୍ ଟୋନ୍ଡ୍ ଦୁଗ୍ଧ ଲିଟର ପିଛା ୪ ଟଙ୍କା ବୃଦ୍ଧି ହୋଇଛି । ପୂର୍ବରୁ ଏହି କ୍ଷୀରର ଦାମ୍ ଲିଟର୍ ପିଛା ୫୦ ଟଙ୍କା ଥିବାବେଳେ ତାହା ଏବେ ୫୪ ଟଙ୍କା ହୋଇଛି । ସେହିପରି ପ୍ରିମିୟମ୍ କ୍ଷୀର ଲିଟର ପ୍ରତି ମଧ୍ୟ ୪ ଟଙ୍କା ବଢ଼ିଛି । ପ୍ରିମିୟମ୍ କ୍ଷୀର ୫୪ ଟଙ୍କାରୁ ବୃଦ୍ଧି ପାଇ ୫୮ ଟଙ୍କା ହୋଇଛି । ଗୋଲ୍ଡ୍ ପ୍ରିମିୟର ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ହୋଇଛି । ୫୬ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ହୋଇଛି । ଏହା ସହିତ ଗୋଲ୍ଡ୍ ପ୍ରିମିୟର୍ ପ୍ଲସ୍ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇ ୬୦ ଟଙ୍କାରୁ ବଦଳରେ ୬୪ ଟଙ୍କା ହୋଇଛି । ଅର୍ଥାତ ଗୋଟିଏ ପ୍ୟାକେଟ୍ ୫୦୦ ମିଲି ଲିଟର ଉପରେ ୨ ଟଙ୍କା ବୃଦ୍ଧି ହୋଇଛି ।

ଦୁଗ୍ଧ ବୃଦ୍ଧି ହେବା ଦ୍ୱାରା ଗୋ-ପାଳନ କରୁଥିବା ଚାଷୀମାନେ ଉପକୃତ ହେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ କହିଛନ୍ତି ଯେ ବହୁତ ଦିନ ଧରି ଦୁଗ୍ଧ ଦାମରେ ବୃଦ୍ଧି ଘଟିନଥିଲା । ଚାଷୀଙ୍କ ହିତ ପାଇଁ ରାଜ୍ୟ ସରକାର ଅଧିକ ଦାମରେ କ୍ଷୀର କ୍ରୟ କରିବେ । ଫଳରେ ଚାଷୀ ଲାଭାନ୍ୱିତ ହେବେ । ବର୍ତ୍ତମାନ ପ୍ରକ୍ରିୟାକରଣ, ପରିବହନ ପାଇଁ ଅଧିକ ଖର୍ଚ୍ଚ ହେଉଛି ସେଥିପାଇଁ ଦର ବୃଦ୍ଧି କରାଯାଇଛି । ଅନ୍ୟ ବ୍ରାଣ୍ଡ୍ କ୍ଷୀର ଠାରୁ ଓମଫେଡ୍ କ୍ଷୀର ଦାମ ଯଥେଷ୍ଟ କମ୍ ରହିଛି । ଆଭେରେଜ ଦେଖିଲେ ଅଧା ଲିଟର ପିଛା ପ୍ରାୟ ୨ ଟଙ୍କା ବଢ଼ିଛି । କିନ୍ତୁ କ୍ଷୀରର ମାନରେ କୌଣସି କମ୍ପରମାଇଜ କରାଯାଇ ନାହିଁ । ଚାଷୀ ଏହାଦ୍ୱାରା ଲାଭବାନ ହେବେ । ଚାଷୀଙ୍କ ଠାରୁ ଅଧିକ ମାତ୍ରାରେ କ୍ଷୀର ସଂଗ୍ରହ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଆଜି ସକାଳୁ ଭୋଟ ଗଣତି

## ପଶ୍ଚିମବଙ୍ଗ ଉପରେ ସମସ୍ତଙ୍କ ନଜର



ନୂଆଦିଲ୍ଲୀ,,୩।୫(ମହାଭାରତ): ରାତି ପାହିଲେ ୪ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ହେବ ଭୋଟ ଗଣତି । ଏଗଜିଟ୍ ପୋଲ, ଭିନ୍ନ ଭିନ୍ନ ମତ ଦେଉଥିବାବେଳେ, ସ୍ପଷ୍ଟ ହେବ କାହାକୁ ବାଛିଲେ ଜନତା ନିର୍ବାଚନ ଫଳାଫଳ ଉପରେ ରହିଛି ସାରାଦେଶର ନଜର । ୨୦୨୪ ସାଧାରଣ ନିର୍ବାଚନ ପରେ ଦେଶର ସବୁଠୁ ବଡ ନିର୍ବାଚନ । ଗୋଟିଏ ଦିନରେ ଆସିବ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ । ସକାଳ ୮ଟାରୁ ଆରମ୍ଭ ହେବ ଭୋଟ୍ ଗଣତି । ପୋଷ୍ଟାଲ ବାଲାଟ୍ ଗଣତି ପରେ ଖୋଲା ହେବ ଏଭିଏମ । କଡା ସୁରକ୍ଷା ବଳୟ ମଧ୍ୟରେ ୪ରାଜ୍ୟ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ୮୨୩ ବିଧାନସଭା ଆସନ ପାଇଁ ହେବ ଗଣତି । ଅପରାହ୍ଣକୁ ସ୍ପଷ୍ଟ ହୋଇଯିବ କେଉଁ ରାଜ୍ୟରେ କିଏ ଗିବ ସରକାର ଫଳାଫଳ ଆସିବା ପରେ ସ୍ପଷ୍ଟ ହେବ, ପଶ୍ଚିମବଙ୍ଗରେ ମମତା ପୁଣି କ୍ଷମତାକୁ ଫେରିବେ ନା ବାଜି ମାରିଲା ମୋଦୀ, ଶାହଙ୍କ ରଣନୀତି ତାମିଲନାଡୁରେ ଷ୍ଟାଲିନଙ୍କୁ ଚକମା ଦେବେ କି ବିଜୟ କେରଳମରେ କରିସ୍ମା ଦେଖାଇବ କି କଂଗ୍ରେସ ନା ଗଡ ରକ୍ଷା କରିବେ ପିନରୟୀ ବିଜୟନ ଆସାମରେ କିଛି ଚମତ୍କାର ହେବ ନା ହିମନ୍ତଙ୍କ ଉପରେ ପୁଣି ଆସାମବାସୀଙ୍କ ଭରସା ତେବେ ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ସବୁ ଦଳ ସରକାର ଗଢ଼ିବାକୁ ଦମ୍ଭୋକ୍ତି ଦେଖାଉଛନ୍ତି ।

ଆମର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଦଖଲ ପାଇଁ ସବୁ ବଳ ଲଗାଇ ଦେଇଛି ବିଜେପି । ମତଦାନ ହାର ବି ପାଖାପାଖି ୯୩ ପ୍ରତିଶତ ହେବା ଓ ୫ରୁ ଅଧିକ ସର୍ଭେ ସଂସ୍ଥା ବିଜେପି ସରକାର ଗିବା ନେଇ ପୂର୍ବାନୁମାନ କରିବା ପରେ ଉଷ୍ମ ହୋଇଛି ଜାତୀୟ ରାଜନୀତି । ପଡିଶା ରାଜ୍ୟ ହୋଇଥିବାରୁ ଓଡିଶାର ବି ନଜର ରହିଛି । ରାଜନୀତି ବିଶେଷଜ୍ଞଙ୍କ ମତରେ ପଶ୍ଚିମବଙ୍ଗ ନିର୍ବାଚନ ଜାତୀୟ ରାଜନୀତିକୁ ନୂଆମୋଡ ଦେବ । ପଶ୍ଚିମବଂଗରେ ମୋଦୀ-ଶାହ ଯୋଡିଙ୍କ ରଣନୀତି ସଫଳ ହେଲେ ଆଗକୁ ଥିବା ଉତ୍ତରପ୍ରଦେଶ ଓ ପଞ୍ଜାବ ନିର୍ବାଚନ ପାଇଁ ବଳ ମିଳିବ । ଜାତୀୟ ରାଜନୀତିରେ ଏନଡିଏର ଶକ୍ତି ଆହୁରି ବଢ଼ିବ । ଦୁର୍ବଳ ହେବ ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ଅରବିନ୍ଦ କେଜ୍ରିୱାଲ ଓ ମମତା ବାନାର୍ଜୀଙ୍କ ଇଣ୍ଡିଆ ମେଣ୍ଟ । କିନ୍ତୁ ମମତା ପୁଣି କ୍ଷମତାକୁ ଫେରିଲେ ଭିନ୍ନ ବାର୍ତ୍ତା ଯିବ । ଦିଲ୍ଲୀରେ ମମତାଙ୍କ ପତିଆରା ବଢ଼ିବ ।

ତାମିଲନାଡୁ ଉପରେ ବି ସାରାଦେଶର ନଜର ରହିଛି । ଅଭିନେତାରୁ ନେତା ପାଲଟିଥିବା ବିଜୟ ଥଳାପତିଙ୍କ ଦଳ ଟିଭିକେ ଭଲ ପ୍ରଦର୍ଶନ କରିବ ବୋଲି ଏଗଜିଟ୍ ପୋଲ୍ ଆକଳନ କରିବା ପରେ ଉତ୍କଣ୍ଠା ବଢ଼ି ଯାଇଛି । କେରଳମର ବିଜେପି ନଥିଲେ ବି ଫଳାଫଳ କଂଗ୍ରେସ ଓ ବାମପନ୍ଥୀଙ୍କ ପାଇଁ ବେଶ୍ ଗୁରୁତ୍ୱ ରଖୁଛି ।

## ଆମ ବସ୍ ଧକ୍କାରେ ଚାଲିଗଲା ବାଇକ୍ ଆରୋହୀଙ୍କ ଜୀବନ

ଭୁବନେଶ୍ୱର,୩।୫(ମହାଭାରତ): ପୁଣି ଆମ ବସ୍ ନେଲା ଜୀବନ । ଆମ ବସ୍ ଧକ୍କାରେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି । ସତସଙ୍ଗ ବିହାର-ବାଣୀବିହାର ମଝିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି ଏବଂ ସ୍ଥାନୀୟ ଲୋକେ ରାସ୍ତା ଉପରେ ବସକୁ ଅଟକାଇ ରଖିଛନ୍ତି । ରାସ୍ତା ଉପରେ ପ୍ରାୟ ଆଠଟି ବସ୍ ଅଟକି ରହିଛି । ତେବେ ମୃତ ବାଇକ ଆରୋହୀଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ ।ସୂଚନା ଅନୁସାରେ, ବାଇକରେ ଯୁବକଜଣକ ଯାଉଥିବା ବେଳେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା ଆମବସ୍ । ତେବେ ଧକ୍କାରେ ବାଇକ ଆରୋହୀ ତଳେ ପଡିଯିବା ପରେ ତାଙ୍କ ଉପରେ ଆମ ବସଟି ଚଢ଼ିଯାଇଥିଲା । ତେବେ ଦୁର୍ଘଟଣାପରେ ଘଟଣାସ୍ଥଳରେ ହିଁ ଯୁବକଙ୍କର ମୃତ୍ୟୁ ହୋଇଛି । ଅନ୍ୟପଟେ ଦୁର୍ଘଟଣା ଘଟାଇ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଆମ ବସ୍ ବାରମ୍ବାର ଏଭଳି ଦୁର୍ଘଟଣା ଘଟାଉଥିବା ବେଳେ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଚାପା ଉତ୍ତେଜନା କରି ବସ୍ ଅଟକାଇ ରଖିଛନ୍ତି । ଖବର ପାଇ ସହିଦ ନଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ୪ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ମୃତ



ନୂଆଦିଲ୍ଲୀ,୩।୫(ମହାଭାରତ): ଦିଲ୍ଲୀର ବିବେକ ବିହାରରେ ରବିବାର ଭୋରରେ ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ଦେଢ଼ ବର୍ଷର ଶିଶୁ ଅଛନ୍ତି । 'ଏସି'ରେ ବିସ୍ଫୋରଣ ଘଟି ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି ।

୯ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ କୋଠାର ଦ୍ୱିତୀୟ ମହଲାରୁ ମିଳିଥିବା ବେଳେ ଗୋଟିଏ ମୃତଦେହ ପ୍ରଥମ ମହଲାରୁ ମିଳିଥିଲା । ବାକି ୩ଟି ମୃତଦେହକୁ ସିଡି ଘରୁ ମିଳିଥିଲା । ସେମାନେ ତୃତୀୟ ମହଲାରେ ରହୁଥିଲେ । ସେମାନେ ସିଡି ଦେଇ କୋଠାରୁ ଛାତକୁ ପଳାଇବାକୁ ପ୍ରୟାସ କରିଥିଲେ ବୋଲି ଅନୁମାନ କରାଯାଉଛି । କିନ୍ତୁ ସିଡି ଘର କବାଟରେ ତାଲା ପଡିଥିବାରୁ ତାହା ସମ୍ଭବ ହୋଇପାରିନଥିଲା । "ଦ୍ୱିତୀୟ ମହଲାରୁ ଯେଉଁ ୫ ଜଣଙ୍କ ମୃତଦେହ ମିଳିଥିଲା, ସେମାନେ ହେଉଛନ୍ତି – ଅରବିନ୍ଦ ଜୈନ (୬୦), ତାଙ୍କ ପତ୍ନୀ ଅନୀତା ଜୈନ (୫୮), ଅରବିନ୍ଦଙ୍କ ପୁଅ ନିଶାନ୍ତ ଜୈନ (୩୫), ନିଶାନ୍ତଙ୍କ ପତ୍ନୀ ଆଞ୍ଚଲ ଜୈନ (୩୩) ଓ ସେମାନଙ୍କର ଦେ ବର୍ଷର ପୁଅ ଆକାଶ ଜୈନ ।"" "ତୃତୀୟ ମହଲାରେ ରହୁଥିବା ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି । ସେମାନେ ହେଉଛନ୍ତି ନୀତୀନ ଜୈନ (୫୦), ତାଙ୍କ ପତ୍ନୀ ଶୈଳୀ ଜୈନ (୪୮) ଓ ସେମାନଙ୍କ ୨୫ ବର୍ଷର ପୁଅ ସମୟକ ଜୈନ ।"ପ୍ରଥମ ମହଲାରେ ରହୁଥିବା ଶିଖା ଜୈନ (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ନବୀନ ଜୈନ ଆହତ ହୋଇଛନ୍ତି । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।"" "ଏହି ଅଗ୍ନିକାଣ୍ଡ ନେଇ ଭୋର ପ୍ରାୟ ୪ଟା ବେଳେ ଅଗ୍ନିଶମ ବାହିନୀ ଖବର ପାଇଥିଲା । ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ତୁରନ୍ତ ସେଠାରେ ପହଞ୍ଚିଥିଲେ । ୧୪ଟି ଦମକଳ ଗାଡିକୁ ନିଆଁଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ନିଆଁକୁ ସଂପୂର୍ଣ୍ଣ ଆୟତ୍ତକୁ ଆଣିବାକୁ ଅଗ୍ନିଶମ ବାହିନୀକୁ ୨ ଘଣ୍ଟା ଲାଗି ଯାଇଥିଲା । ତା' ଭିତରେ ଅଗ୍ନିଶମ ବାହିନୀ ୧୨ ଜଣ ଲୋକଙ୍କୁ ଉକ୍ତ କୋଠାରୁ ଉଦ୍ଧାର କରିଥିଲା । ସେମାନଙ୍କ ମଧ୍ୟରୁ ଯେଉଁମାନେ ଆହତ ହୋଇଥିଲେ ସେମାନଙ୍କୁ ଗୁରୁ ତେଗ ବାହାଦୂର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା ।ନିଆଁ ପ୍ରଥମେ ଦ୍ୱିତୀୟ ମହଲାରେ ଲାଗିଥିଲା ବୋଲି ଜଣାପଡିଛି । ତେବେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ । ଏସିରେ ବିସ୍ଫୋରଣ ଯୋଗୁ ଏତେ ବଡ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ୧୦୦ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ

ମାଲକାନଗିରି,୩।୫(ମହାଭାରତ): ପୁଣି ଥରେ ମାଲକାନଗିରି ଜିଲ୍ଲାରୁ ଜବତ ହୋଇଛି କୋଟି କୋଟି ଟଙ୍କାର ଗଞ୍ଜେଇ ତେଲ । ନୂଆ ଆଡ୍ଡା ଖୋଜିବା ସମୟରେ ମାଡ଼ି ବସିଲା ପୋଲିସ । ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ତେଲ ସହ ୫୦ କେଜି ଗଞ୍ଜେଇ ଜବତ ହୋଇଛି ।

"ସୂଚନା ମୁତାବକ ଚିତ୍ରକୋଣ୍ଡା ଅଞ୍ଚଳରେ ଗଞ୍ଜେଇ ତେଲ ପ୍ରସ୍ତୁତ ହେଉଥିବା



ଜାଣି ପୋଲିସ ବାରମ୍ବାର ସର୍ଚ୍ଚ ଅପରେସନ କରୁଥିଲା । ତେବେ ପୋଲିସର ଏହି ଅପରେସନ ଯୋଗୁଁ ମାଫିଆ ମାନେ ଆଡ୍ଡା ବଦଳାଇବା ସମୟରେ ଏସ.ଆର ଛକ ନିକଟରେ ପୋଲିସ ମାଡ଼ି ବସିଲା ।ମାଲକାନଗିରି ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ମିଳିଛି । ଚଢ଼ାଉରେ ହାସିସ୍ ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮୦୦ ଲିଟର ରାସାୟନିକ ପଦାର୍ଥ ଏବଂ ଦ୍ରାବକ ଉଦ୍ଧାର କରାଯାଇଛି । ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍ ଭାଙ୍ଗି ଦିଆଯାଇଛି । ଗାଡ଼ିରୁ ସ୍ୱତନ୍ତ୍ର ପ୍ରସ୍ତୁତ ଉପକରଣ ସମେତ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରକ୍ରିୟାକରଣ ୟୁନିଟ୍ ଜବତ କରାଯାଇଛି । ଜବତ ହାସିସ୍ ତେଲର ସମ୍ଭାବ୍ୟ ଉତ୍ପାଦନର ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ହେବ ବୋଲି ଆକଳନ କରାଯାଇଛି । ପୋଲିସ ୬ ଜଣଙ୍କୁ ଗିରଫ କରିଥିବାବେଳେ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଛି ।

## ମାଟି ସହ ଧସିଲା ମିକ୍ସଚର ମେସିନ, ଜଣେ ମୃତ

ଭଞ୍ଜନଗର,୩।୫(ମହାଭାରତ)::ଗଞ୍ଜାମଜିଲ୍ଲା ତାରସିଂ ଥାନା ଅଧିନ ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାର ତିଳିସିଙ୍ଗ ଗ୍ରାମ ନିକଟରେ ଏକ ନିର୍ମାଣାଧୀନ କଲଭର୍ଟ ଠାରେ ମାଟି ଅତଡା ସହ ଏକ ମିକ୍ସଚର ଗାଡି ଓଲଟି ପଡିବାରୁ ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ । ୨ଟି ଜେସିବି ସହ ୩ ଘଣ୍ଟା ପରିଶ୍ରମ କରି ମାଟିତଳୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ମୃତ ମିସ୍ତ୍ରୀଙ୍କ ନାମ ମଦନ ସିଂହ (୪୦) ଏବଂ ଘର ଝାରଖଣ୍ଡର ଲାତେହର ବୋଲି ଜଣାଯାଇଛି ।

ସୂଚନା ଅନୁଯାୟୀ, ରବିବାର, ଅପରାହ୍ନ ପ୍ରାୟ ୩ ଟା ସମୟରେ କଲଭର୍ଟ ଗାର୍ଡୱାଲ୍‌ର ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହି ସମୟରେ ମାଟି ଅତଡା ଖସିଯିବାରୁ



ମେସିନଟି ତଳକୁ ଧସେଇ ପଡିଥିଲା । ତଳେ ଥିବା ମଦନ ମାଟିତଳେ ଦବି ହୋଇଯାଇଥିଲା । ମିକ୍ସଚର ମେସିନ୍‌ର ଚାଳକ ଭଦ୍ରକ ଜିଲ୍ଲାର ପ୍ରଭଞ୍ଜନ ମଲ୍ଲିକ ଗାଡିରୁ ଡେଇଁପଡିଥିଲେ । ସେ ସାମାନ୍ୟ ଆହାତ ହୋଇଛନ୍ତି । ମେସିନ ଆଗରେ ରହିଥିବା ଅନ୍ୟଜଣେ ଶ୍ରମିକ ମାଟି ତଳେ ଏକ କେବୁଲ ତାରରେ ଲାଗି ଯିବାରୁ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତି ଯାଇଥିଲେ । ତାରସିଂ ଇଲାକାର ଆକାଶ ନାୟକ(୧୮),ସନ୍ତୋଷ ନାୟକ(୩୦),ଲକ୍ଷ୍ମଣ ନାୟକ(୬୦) ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ ସେମାନଙ୍କ ବିଶେଷ କ୍ଷତି ହୋଇନଥିବା ଜଣାପଡିଛି ।

# ଘରକୁ ପଡିବ ଦ୍ୱିତୀୟ ପାଇପ୍ ଲାଇନ୍

ଭୁବନେଶ୍ୱର,୩।୫(ମହାଭାରତ):: ସହରାଞ୍ଚଳରେ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବାପାଇଁ ଆଗାମୀ ଦିନରେ ହିତାଧିକାରୀଙ୍କ ଘରକୁ ଦ୍ୱିତୀୟ ପାଇପ୍ ଲାଇନ୍ ବିଛାଯିବ । ବର୍ତ୍ତମାନ ଯୋଗାଣ ହେଉଥିବା ଆକ୍ୱାଗାର୍ଡ ମାନର ଜଳ ବଗିଚା ଠାରୁ ଆରମ୍ଭ କରି ଗାଧୁଆଘରେ ନଷ୍ଟ ହେଉଥିବାରୁ କର୍ତ୍ତୃପକ୍ଷ ଏଭଳି ଯୋଜନା ପ୍ରସ୍ତୁତ କରୁଥିବା ଜଣାଯାଇଛି ।"" "ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନାରେ ସହରାଞ୍ଚଳଗୁଡିକରେ ଲୋକଙ୍କ ଘରକୁ ପାଇପ୍ ଯୋଗେ ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ହେଉଛି । ଏହି ଜଳକୁ ବିନା ଶୋଧନରେ ବ୍ୟବହାର କରାଯାଇ ପାରିବ । ତେବେ ଏହିସବୁ ଜଳ ଯୋଗାଣ ସମୟରେ କର୍ତ୍ତୃପକ୍ଷ ପୁରୁଣା ପାଇପ୍ ଲାଇନ୍‌କୁ ବନ୍ଦକରି ନୂତନ ପାଇପ୍ ଲାଇନ୍ ବିଛାଇଲେ ଓ ସେଥିରେ ଏହି ଜଳ ଯୋଗାଣ କରୁଛନ୍ତି । ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ପାଇଁ ଜଳ ବିଶୋଧନ ବାବଦରେ ଲିଟର ପ୍ରତି ୧୦ ରୁ ୨୦ ପଇସା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି ।



ଏହି ବିଶୁଦ୍ଧ ଜଳକୁ ପାନୀୟ ଓ ଖାଦ୍ୟ ସାମଗ୍ରୀରେ ବ୍ୟବହାର ସହିତ ବିକଳ୍ପ ନଥିବାରୁ ଲୋକେ ବଗିଚାରେ ବ୍ୟବହାର ସହିତ ଗାଧୁଆଘରେ ବି ଖର୍ଚ୍ଚ କରୁଛନ୍ତି । ଏହି ଜଳର ସିଂହଭାଗ ବାଡି ବଗିଚା, ଗାଡି ଧୁଆ, ଲୁଗା ସଫା ଆଦିରେ ନଷ୍ଟ ହେଉଥିବାରୁ ତାହାକୁ ରୋକିବାପାଇଁ ଏବେ ଆଉ ଗୋଟିଏ ପାଇପ୍‌ରେ ସାଧାରଣ ଜଳ ଯୋଗାଣ ପାଇଁ ଯୋଜନା ପ୍ରସ୍ତୁତ ହେଉଛି ।"" "ରାଜ୍ୟ ସରକାର ଆଗାମୀ ୨୦୨୮ ସୁଦ୍ଧା ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କୁ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ୮୬ଟି ପୌରାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ହେଉଥିବାବେଳେ ଏଥିପାଇଁ ମୁଣ୍ଡପିଛା ୧୩୫ ଲିଟର ଜଳ ଆବଶ୍ୟକ ପଡୁଛି । ତଦନୁଯାୟୀ ଏହିସବୁ ପୌରାଞ୍ଚଳରେ ୪୪୩ ଏମଏଲଡି ଜଳ ଆବଶ୍ୟକ ଥିବାବେଳେ କର୍ତ୍ତୃପକ୍ଷ ୪୫୨ ଏମଏଲଡି ଜଳ ଯୋଗାଣ କରୁଛନ୍ତି ।

ଏଥି ମଧ୍ୟରେ କେତେକ ସ୍ଥାନରେ ୨୪ଘଣ୍ଟିଆ ଜଳ ଯୋଗାଣ ହେଉଛି । ତେବେ ୨୦୨୮ ବେଳକୁ ସମସ୍ତ ପୌରାଞ୍ଚଳରେ ୨୪ଘଣ୍ଟିଆ ଜଳ ଯୋଗାଣ ପାଇଁ ଅଧିକ ଜଳ ଆବଶ୍ୟକ ସହିତ ଏହାକୁ ବିଶୋଧନ ଲାଗି ବିପୁଳ ଅର୍ଥ ଆବଶ୍ୟକ ପଡିବ । ତେଣୁ ବିପୁଳ ଅର୍ଥ ବ୍ୟୟରେ ବିଶୋଧିତ ହେଉଥିବା ଆକ୍ୱାଗାର୍ଡମାନର ଜଳ ଯେଭଳି ନଷ୍ଟ ନହେବ ସେଥିପାଇଁ ଦ୍ୱିତୀୟ ପାଇପ୍ ଲାଇନ୍ ବିଛାଇବାପାଇଁ କର୍ତ୍ତୃପକ୍ଷ ବିଚାରୁଛନ୍ତି ।"" "ଉଲ୍ଲେଖନୀୟ ଯେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନାରେ ରାଜ୍ୟ ସରକାର ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ସହିତ ଏହାର ନିୟମିତ ଯାଞ୍ଚ ପାଇଁ ସହରାଞ୍ଚଳରେ ଜଳସାଥୀମାନେ ନିଯୁକ୍ତି ହୋଇଛନ୍ତି । ଏମାନେ ଘରକୁ ଘର ପାଇଁ ନିୟମିତ ଭାବେ ଜଳର ମାନ ପରୀକ୍ଷା କରିବା ସହିତ ଜଳ ଟିକସ ଆଦାୟ କରୁଛନ୍ତି । ଏଥିପାଇଁ ହିତାଧିକାରୀଙ୍କ ଘରେ ଜଳ ମିଟରମାନ ଲଗାଯାଇଛି । ତେବେ ଦ୍ୱିତୀୟ ପାଇପ୍ ଲାଇନ୍‌ରେ ସାଧାରଣ ଜଳ ଯୋଗାଣ କରାଗଲେ ଏହାର ଦର କେତେ ରହିବ ଓ ଏହାକୁ ଲୋକେ କିଭଳି ବ୍ୟବହାର କରିବେ ସେଥିପାଇଁ ବିସ୍ତୃତ ଖସଡା ପ୍ରସ୍ତୁତ ପାଇଁ ବିଚାର ଆଲୋଚନା ଆରମ୍ଭ ହୋଇଥିବା ସୂଚନା ମିଳିଛି ।

## ଖାରବେଳଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କଲା ବିଜେପି

ଭୁବନେଶ୍ୱର,୩।୫(ମହାଭାରତ): ପୂର୍ବତନ ସାଂସଦ ଐର ଖାରବେଳ ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ବିଜେପି । ଏନେଇ ରାଜ୍ୟ ଶୃଙ୍ଖଳା କମିଟି ଆବାହାକ



ସୁଦର୍ଶନ ନାୟକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଶ୍ରୀ ସ୍ୱାଇଁ ବାଲେଶ୍ୱରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ସାଂସଦ ପାଇଁ ଲଢ଼ିଥିଲେ । ଉକ୍ତ କାରଣରୁ ତାଙ୍କୁ ୨୦୨୪ ମେ ମାସରେ ଦଳରୁ ନିଲମ୍ବନ କରାଯାଇଥିଲା । ତେବେ ଆଜି ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି ବୋଲି ରାଜ୍ୟ ଶୃଙ୍ଖଳା କମିଟିର ଆବାହାକ ଶ୍ରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି ।

## ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



### ଖବର

## ଶ୍ରୀଗଣେଶ ଓ ବ୍ୟାସଦେବ



ବ୍ୟାସଦେବ ଗଣେଶଙ୍କୁ କହିଲେ,'ହେ ବିନାୟକ ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି। ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ସୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ। ସେଥିପାଇଁ ମୁଁ ବଡ଼ ଚିନ୍ତିତ। ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ। ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ। ମୁଁ ଶ୍ଲୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ। ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି। ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା। ତାଙ୍କୁ ମଧ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ। କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁ ଥିଲେ। ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖି ଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ। ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ। ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି। କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି। ଆପଣ ଲେଖିବା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ। ଏହାପରେ ମହାଭାରତ ଲେଖା ଚାଲିଲା। ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ। କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଲୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ। ଏହି ସମୟରେ ବ୍ୟାସ ପର ଶ୍ଲୋକଗୁଡ଼ିକୁ ଚିନ୍ତା କରିନିଅନ୍ତି। ଏଣୁ ମହାଭାରତରେ ଏଭଳି କେତେକ ଶ୍ଲୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ। ଏହି ଶ୍ଲୋକ ଗୁଡ଼ିକୁ ଗ୍ରନ୍ଥଗ୍ରନ୍ଥି କୁହାଯାଇ ଥାଏ। ଅର୍ଥାତ୍ ଏସବୁ ଗ୍ରନ୍ଥର ଗଣ୍ଠି। ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୁକଙ୍କୁ ଏହା ଜଣାଇଲେ। ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ।

ମନୁଷ୍ୟମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରିକ୍ଷୀତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି । ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରି ଥିଲେ। ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୁତ ବା ସୌତି ବୋଲି କୁହାଯାଉ ଥିଲା। ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ। ଏଣୁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ।

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ




କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ତେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମାଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

## ଦାନ କଲେ ବୃଦ୍ଧି ପାଏ ଧନସମ୍ପତ୍ତି



ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ । ତାହା ଆପଣାର ନୁହେଁ, ପ୍ରାଣୀମାତ୍ରକେ ଏହା ଉପରେ ଅଧିକାର ରହିଛି। ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ । ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର । ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍ ।




## ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ: ଘରେ କୁକୁର ପାଳିବା କେତେଦୂର ଠିକ୍

କଥାରେ ଅଛି ଘରେ ଘରିଗୋଡ଼ିଆ ବାନ୍ଧିଲେ ଦୋଷ, ନ ବାନ୍ଧିଲେ ବି ଦୋଷ। ଏଠାରେ ଘରିଗୋଡ଼ିଆ କହିଲେ ଗାଈକୁ ବୁଝାଏ। କାରଣ ଗାଈର ଗୋମୟ, ମୂତ୍ର, କ୍ଷୀର, ଦହି, ଘିଅ ଆଦି ପୂଜାପର୍ବ ଓ ଦୈନନ୍ଦିନ କାର୍ଯ୍ୟରେ ଆବଶ୍ୟକ ହୋଇଥାଏ। ଏଣୁ ଗାଈ ନ ରଖିଲେ ଦୋଷ। ପୁଣି ରଖିଲେ ଦୋଷ କାହିଁକି ? କାରଣ ଗାଈ ପାଳିଲେ ତା'ର ସେବାରେ ତ୍ରୁଟି କରିବା ଉଚିତ ନୁହେଁ ଯ ସେବାରେ ତ୍ରୁଟି ହେଲେ ଓ ଗାଈର କିଛି ହୋଇଗଲେ ପାପ ଲାଗେଯ କିନ୍ତୁ ଆଜିକାଲି ଲୋକେ ଘରେ ଗାଈ ରଖିବା ଅପେକ୍ଷା କୁକୁର ପାଳିବାକୁ ବେଶି ପସନ୍ଦ କରୁଛନ୍ତି। ତାକୁ ବାହାରେ ଖାଇବାକୁ ଦେବା ଓ ପାଣି ପିଇବାକୁ ଦେବା ଭଲ। ଏହା ଭୂତଯଜ୍ଞର ଅନ୍ତର୍ଗତ। ଜୀବେ ଦୟା ଭାବନାକୁ ମଧ ଏହା ପୁଷ୍ଟ କରେ। କିନ୍ତୁ ଘରେ କୁକୁର ପାଳିବାକୁ ଶାସ୍ତ୍ରରେ ବାରଣ କରାଯାଇଛ। ମହାଭାରତରେ ଅଛି, ଯିଏ ଘରେ କୁକୁର ପୋଷିବ ତା'ର ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ଏପରି କି ବ୍ରାହ୍ମଣ, ଦେବତା ଓ ପିତୃପୁରୁଷମାନେ ତା' ଘରୁ ପାଣି ପାଆନ୍ତି ନାହିଁ ।ମହାଭାରତ ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ ଅଛି। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ସମ୍ରାଟ୍ ଯୁଧିଷ୍ଠିର ରାଜ୍ୟଭାର ପରିକ୍ଷିତଙ୍କୁ ଦେଇ ସନ୍ନ୍ୟାସ ନେବାକୁ ଇଚ୍ଛା କଲେ। ଏହି ସମୟରେ ଦେବତା ଓ ଋଷିଗଣ ଆସି ତାଙ୍କୁ ସଶରୀରେ ସ୍ୱର୍ଗ ଯିବା ପାଇଁ ପରାମର୍ଶ ଦେଲେ। ଏଣୁ ପାଞ୍ଚଭାଇ ଓ ପତ୍ନୀ ଦ୍ରୌପଦୀ ବଳ୍କଳ ପରିଧାନ କରି ଯାତ୍ରା ଆରମ୍ଭ କଲେ। ବାଟରେ ଗୋଟିଏ କୁକୁର ତାଙ୍କ ସହ ଚାଲୁଥିଲା। ଗିରିରାଜ ହିମାଳୟ ଉପରେ ଚିଉତାଙ୍କୁ ସୁମେରୁ ଶିଖରକୁ ଯିବାକୁ ପଡ଼ିବଯ ବାଟରେ ଦ୍ରୌପଦୀଙ୍କଠାରୁ ଆରମ୍ଭ କରି ଶେଷରେ ଭୀମଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଖସିପଡ଼ି ପ୍ରାଣ ହରାଇଲେ। କିନ୍ତୁ କୁକୁରଟି ଶେଷ ପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ପଛେ ପଛେ ଚାଲୁଥିଲାଯ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଇନ୍ଦ୍ରଙ୍କ ରଥ ଆସି ପହଞ୍ଚିଲା ଯୁଧିଷ୍ଠିରଙ୍କୁ ସଶରୀରେ ସ୍ୱର୍ଗକୁ ନେବା ପାଇଁ। ଇନ୍ଦ୍ରଙ୍କ ସାରଥି ମାତଳି ରଥ ଚଳାଉଥିଲେ ।ମାତଳି ଯୁଧିଷ୍ଠିରଙ୍କୁ



ଅଭିବାଦନ କରି କହିଲେ, ମହାରାଜ ! ଆପଣଙ୍କୁ ନେବାକୁ ମୋତେ ଇନ୍ଦ୍ର ପଠାଇଛନ୍ତି, ଆପଣ ରଥରେ ବସନ୍ତୁ। ଯୁଧିଷ୍ଠିର କିନ୍ତୁ ନିଜେ ରଥରେ ବସିବା ପୂର୍ବରୁ ପ୍ରଥମେ କୁକୁରକୁ ବସାଇବାକୁ ଚାହିଲେ ।ମାତଳି କହିଲେ, ଏ କି କଥା ? ଆପଣ ଧର୍ମାତ୍ମା, ତେଣୁ ଏକମାତ୍ର ଆପଣଙ୍କୁ ସଶରୀରେ ସ୍ୱର୍ଗକୁ ଯିବାର ଅଧିକାର ଅଛି। କୁକୁର ଏକ ଅପବିତ୍ର ମାଂସାଶୀ ପ୍ରାଣୀ। ସେ କେମିତି ଯାଇପାରିବ ? ତା'ଛଡ଼ା ଶାସ୍ତ୍ରରେ ଅଛି, କୁକୁର ପାଳିବା ଲୋକ ସ୍ୱର୍ଗକୁ ଯାଇପାରନ୍ତି ନାହିଁ। ଯୁଧିଷ୍ଠିର କହିଲେ, ମୁଁ ଏ କୁକୁରକୁ ପାଳିନାହିଁ। କିନ୍ତୁ ସେ ଏତେବାଟ ମୋ ପଛେ ପଛେ ଆସିଛି। ସେ ମୋର ଶରଣାଗତ। ମୁଁ ରାଜା, କ୍ଷତ୍ରିୟ। ଶରଣାଗତକୁ ରକ୍ଷା କରିବା କ୍ଷତ୍ରିୟର ଧର୍ମଯ ମୁଁ ମୋ ଧର୍ମ ତ୍ୟାଗ କରିପାରିବି ନାହିଁ। ମାତଳି କହିଲେ, ଆପଣ ସିନା ପୁଣ୍ୟବଳରେ ସିଧା ସ୍ୱର୍ଗକୁ ଯିବାର ଅଧିକାର ପାଇଛନ୍ତି, କୁକୁର କେମିତି ଯାଇପାରିବ ? ଯୁଧିଷ୍ଠିର କହିଲେ, ତା'ହେଲେ ମୁଁ ମୋର ସବୁ ପୁଣ୍ୟ ଏ କୁକୁରକୁ ଦାନ କରିବାକୁ ପ୍ରସ୍ତୁତ ଅଛି। ଆପଣ ତାକୁ ସ୍ୱର୍ଗକୁ ନେଇଯାନ୍ତୁ। ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମ। କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ। ପୁଲିସ ବିଭାଗ ଓ ସେନ୍ୟ ବିଭାଗରେ ବିଶେଷ ଜାତିଆ କୁକୁରକୁ ତାଲିମ ଦେଇ ତା'ର ଅସମ୍ଭବ ଘ୍ରାଣଶକ୍ତିର ଉପଯୋଗ କରାଯାଏ ବୋମା ଆଦି ଠାବ କରିବା ପାଇଁ। ଯଦି କେଣସି ଧନିକ ଶ୍ରେଣୀର ବ୍ୟକ୍ତି ନିଜର ଧନସମ୍ପତ୍ତି ଜଗିବା ପାଇଁ କୁକୁର ପାଳିବା ନିହାତି ଆବଶ୍ୟକ କରନ୍ତି, ତେବେ କୁକୁର ପାଇଁ ଘର ବାହାରେ ଏକ ସ୍ୱତନ୍ତ୍ର କୁକୁରଶାଳା ତିଆରି କରିବା ଆବଶ୍ୟକ। କୁକୁରକୁ ନିଜ ଘର ଭିତରେ ରଖି ନିଜ ଖଟ ଉପରେ ଚିବା, ପାଖରେ ଶୋଇବା ଓ ଚେୟାର ବା ସୋଫାରେ ବସିବାକୁ ସୁଯୋଗ ଦେବା ଉଚିତ ନୁହେଁ। ଏହା ଶୁଣିବା ପରେ କୁକୁର ନିଜର ସ୍ୱରୂପ ପ୍ରକାଶ କଲା। ଯୁଧିଷ୍ଠିର ଦେଖିଲେ, ତାଙ୍କ ସମ୍ମୁଖରେ ସାକ୍ଷାତ୍ ଧର୍ମରାଜ, ନ୍ୟାୟ ଓ ମୃତ୍ୟୁର ଦେବତା - ଯମ ଛିଡ଼ା ହୋଇଛନ୍ତି। ସ୍ୱୟଂ ଧର୍ମ କୁକୁର ରୂପରେ ଯୁଧିଷ୍ଠିରଙ୍କ ପରୀକ୍ଷା ନେଉଥିଲେ। ଏହି ସମୟରେ ଇନ୍ଦ୍ର ଓ ଅନ୍ୟ ଦେବତାମାନେ ବି ପହଞ୍ଚିଯାଇଥିଲେ। ଯୁଧିଷ୍ଠିରଙ୍କ ନ୍ୟାୟପରାୟଣତା ଓ ଶରଣାଗତବତ୍ସଳତା ଦେଖି ଯମ ଓ ଅନ୍ୟ ଦେବତାମାନେ ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ କଲେ। ଯମରାଜ ଯୁଧିଷ୍ଠିରଙ୍କୁ କହିଲେ, ହେ ରାଜା, ଆପଣଙ୍କ ପରି ନିଃସ୍ୱାର୍ଥ ବ୍ୟକ୍ତି ଏ ପର୍ଯ୍ୟନ୍ତ ଏ ଭୂମଣ୍ଡଳରେ କେହି ଜନ୍ମି ନାହାନ୍ତି। ଏକ ସାମାନ୍ୟ କୁକୁର ପାଇଁ ଜୀବନ ସାରା ଅର୍ଜିଥିବା ସମସ୍ତ ପୁଣ୍ୟ ତ୍ୟାଗ କରିଦେବା ପାଇଁ ଆପଣ ଯେପରି ପ୍ରସ୍ତୁତ ହୋଇଗଲେ ତାହା ମୋତେ ମୁଗ୍ଧ କରିଛି। ଆପଣଙ୍କ ହୃଦୟ ପ୍ରାଣୀମାତ୍ରଙ୍କ ପ୍ରତି ସ୍ନେହ ଓ କରୁଣାରେ ପ୍ଲାବିତ ହେଉଛ। ତେଣୁ ସ୍ୱର୍ଗଲୋକ ହିଁ ଆପଣଙ୍କ ପାଇଁ ଉପଯୁକ୍ତ ଧାମ। ତା'ପରେ ମହାରାଜା ଯୁଧିଷ୍ଠିର ଇନ୍ଦ୍ର, ଯମ ଓ ଅନ୍ୟ ଦେବତାମାନଙ୍କ ସହିତ ରଥରେ ବସି ସ୍ୱର୍ଗକୁ ଗଲେ। ଏହି ଆଖ୍ୟାନରୁ ଏତିକି ଶିକ୍ଷା ମିଳିଲା ଯେ, ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମଯ କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ।

## ଯକୃତକୁ ସଫା ରଖେ କେଉଁ ପରିବା



ଯକୃତ ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିଦିଏ, ଖାଦ୍ୟ ହଜମ କରିବା ସହିତ ଶରୀରକୁ ଶକ୍ତି ମଧ ଦେଇଥାଏ ।କିନ୍ତୁ ଆଜିକାଲି ଅଧିକ ତେଲ, ଚିନି ଓ ଜଙ୍କ ଫୁଡ୍ ଖାଇବା ଯୋଗୁଁ ଯକୃତ ଉପରେ ବହୁତ ଚାପ ପଡୁଛି। ଏହା ଯକୃତକୁ ଦୁର୍ବଳ କରିପାରେ ଓ ଅନେକ ରୋଗର କାରଣ ମଧ ହୋଇପାରେ। ହେଲେ ଚିନ୍ତା କରନ୍ତୁ ନାହିଁ କିଛି ସାଧାରଣ ପରିବା ଖାଇଲେ ଆପଣଙ୍କ ଯକୃତ ସଫା ଓ ସୁସ୍ଥ ରହିବ। ଆସନ୍ତୁ ଜାଣିବା ଏହି ୬ଟି ପରିବା ବିଷୟରେ:

ପାଳଙ୍ଗ: ପାଳଙ୍ଗ ହେଉଛି ଏକ ପ୍ରକାରର ଶାଗଯ ପାଳଙ୍ଗକୁ ସାଲାଡରେ ଖାଇପାରିବେ, ସୁପ୍ ,ଜୁସ୍ ଓ ତରକାରୀ ମଧ ରାନ୍ଧି ଖାଇପାରିବେ । ସକାଳେ ପାଳଙ୍ଗ ଜୁସ୍ ପିଇଲେ ଯକୃତ ସହ ପେଟ ମଧ ସଫା ରହେ।

ବିଟ୍: ବିଟ୍ ଯକୃତ ପାଇଁ ଏକ ଭଲ ପରିବା । ଏହା ଯକୃତକୁ ସଫା କରେ ଓ ରକ୍ତକୁ ଶୁଦ୍ଧ ରଖେ ।ଏହା ଯକୃତର କୋଷକୁ ମଜବୁତ କରେ ଓ ନୂଆ କୋଷ ତିଆରି କରିବାରେ ସାହାଯ୍ୟ କରେ । ।ବିଟକୁ ଜୁସ୍ କରି ପିଅନ୍ତୁ, ସାଲାଡରେ ମିଶାନ୍ତୁ କିମ୍ବା ହାଲକା ସିଝାଇ ଖାଆନ୍ତୁ।

ବ୍ରକୋଲି: ଏହା ଯକୃତକୁ ସଫା ରଖିବା ପାଇଁ ସାହାଯ୍ୟ କରେ ଓ ଶରୀରରୁ ଖରାପ ଜିନିଷ ବାହାର କରେ। ନିୟମିତ ବ୍ରକୋଲି ଖାଇଲେ ଯକୃତରେ ଚର୍ବି ଜମା ହେବା ରୋଗକୁ ମଧ କମାଇପାରୁଛିଯ ବ୍ରକୋଲିକୁ ସୁପ୍, ତରକାରୀ କିମ୍ବା ହାଲକା ସିଝାଇ ଖାଆନ୍ତୁ।

କଲରା: କଲରା ପିତା ହେଲେ ମଧ ଏହା ଯକୃତ ପାଇଁ ବହୁତ ଲାଭଦାୟକ। ଏହା ଶରୀରରୁ ବିଷ ବାହାର କରେ ।କଲରାକୁ ତରକାରୀ, ଭଜା କିମ୍ବା ଜୁସ୍ କରି ଖାଇପାରିବେ।

ଧନିଆ: ଧନିଆ ପତ୍ର କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଯକୃତକୁ ମଧ ସଫା ରଖେ। ଧନିଆକୁ ଚଟଣୀ, ସୁପ୍, ଜୁସ୍ କିମ୍ବା ଖାଦ୍ୟ ଉପରେ ପକାଇ ଖାଇପାରିବେ।

ବନ୍ଧାକୋବି: ଶୀତଦିନେ ଅଧିକ ମାତ୍ରାରେ ବ୍ୟବହାର ହେଉଥିବା ପରିବା ହେଉଛି କୋବି ।ତେବେ ବନ୍ଧାକୋବି ହେଉଛି ଯକୃତର ପାଇଁ ଏକ ଉପଯୋଗୀ ପରିବା। ଏହା ଯକୃତରୁ ବିଷାକ୍ତ ଜିନିଷ ବାହାର କରେ। ବନ୍ଧାକୋବିକୁ ତରକାରୀ, ସାଲାଡ୍, ସୁପ୍ କିମ୍ବା ପରାଠାରେ ମିଶାଇ ଖାଆନ୍ତୁ।

# ଶିକ୍ଷା ହିଁ ବିଶ୍ୱକୁ ପରିବର୍ତ୍ତନ କରିପାରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୫ (ମହାଭାରତ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତମପୁରସ୍ଥିତ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟକୁ ପି. ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଂଚାୟତକୁ ଏକ ଆଦର୍ଶ ପଂଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଂଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା।ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଂଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ୫ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି। ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପୁରୁଷୋତମପୁର ଅଂଚଳର ଶିକ୍ଷା ଭିତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



# 'ମକ୍କାଲା ଧାମ' କ୍ୟାମ୍ପସ ପରିଦର୍ଶନରେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୩।୫ (ମହାଭାରତ): ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନ କେନ୍ଦ୍ର ନ ହୋଇ ମାନବ ସମ୍ବଳର ବିକାଶ ଓ ଜାତୀୟ ସଂକଳ୍ପର ପ୍ରତିଫଳନ ହେବା ଉଚିତ ବୋଲି ଗୁରୁବାର ବେଙ୍ଗାଲୁରୁର ଚାଣକ୍ୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏସ. ସୋମନାଥଙ୍କ ଉପସ୍ଥିତିରେ 'ସୁଧା ଏବଂ କ୍ରିସ୍ ଗୋପାଳକ୍ରିଷ୍ଣନ ଏକାଡେମିକ ବ୍ଲକ', 'ଡକ୍ଟର କେ. କସ୍ତୁରୀରଙ୍ଗନ ଅଡିଟୋରିୟମ' ଏବଂ 'ସାଟେଲାଇଟ ଗ୍ରାଉଣ୍ଡ ଷ୍ଟେସନ'କୁ ଉଦଘାଟନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣର ପ୍ରକୃତ ମାପକାଠି ପ୍ରାୟତଃ ସେହି ଅନୁଷ୍ଠାନଗୁଡ଼ିକରେ ପ୍ରତିଫଳିତ ହୁଏ, ଯେଉଁମାନେ ଆଗାମୀ ପିଢ଼ି ପାଇଁ ପୁଞ୍ଜିନିବେଶ କରିବାକୁ ବାଛିଥାନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ହୋଇ ରହିବା ଉଚିତ ନୁହେଁ ; ସେଗୁଡ଼ିକ ଏପରି ଏକ ସ୍ଥାନ ଭାବରେ ଉଭା ହେବା ଉଚିତ୍, ଯେଉଁଠାରେ ଜାତୀୟ ଉଦ୍ଦେଶ୍ୟ ମାନବୀୟ ସମ୍ଭାବନାରେ ରୂପାନ୍ତରିତ ହୁଏ ଏବଂ ଯେଉଁଠାରେ ଯୁବବର୍ଗଙ୍କ ମନକୁ ଜ୍ଞାନ ଏବଂ ଚରିତ୍ର ସହିତ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରାଯାଏ। ସେ ଆହୁରି କହିଛନ୍ତି, ବେଙ୍ଗାଲୁରୁ ଆଜି ଭାରତର 'ପ୍ରୁଫ୍ ଅଫ୍ କନସେପ୍ଟ' ଭାବରେ ଠିଆ ହୋଇଛି, ଯେଉଁଠାରେ ଇସ୍ରୋ, ଆଇଆଇଏସସି ବେଙ୍ଗାଲୁରୁ, ଡିଆରଡିଓ ଭଳି ଅନୁଷ୍ଠାନ ଏବଂ ଏକ ସମୃଦ୍ଧ ଷ୍ଟାର୍ଟଅପ୍ ବ୍ୟବସ୍ଥା ରହିଛି । ସେହିପରି ଜାତୀୟ ପ୍ରଗତିର ପଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ଦ୍ୱାରା ନୁହେଁ, ବରଂ ଆମେ ଗଠନ କରୁଥିବା ମାନସିକତାର ଗୁଣବତ୍ତା ଦ୍ୱାରା ନିର୍ଦ୍ଧାରିତ ହେବ । ଯେତେବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉତ୍କର୍ଷତା ଏବଂ ଉଦ୍ଦେଶ୍ୟ ଉଭୟକୁ ଅନୁପ୍ରାଣିତ କରନ୍ତି।

# ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୩।୫ (ମହାଭାରତ): ବିଜେପି ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ମହିଳା-ବିରୋଧୀ ଆଭିମୁଖ୍ୟ ବିରୁଦ୍ଧରେ ରାଜ୍ୟବ୍ୟାପି ଆନ୍ଦୋଳନ ହେବ । ଉଭୟ ସଂସଦ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେପି ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଏହା ବିରୋଧରେ ମେ ମାସ ପ୍ରଥମ ସପ୍ତାହରେ ରାଜ୍ୟବ୍ୟାପୀ ମହିଳାମାନେ ଆନ୍ଦୋଳନ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଲୋୟର ପିଏମ୍ ଜି ଠାରେ ଆୟୋଜିତ ଏକ ବିଶାଳ ମହିଳା ସମାବେଶରେ ଉଦ୍ ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି, ଆସନ୍ତା ୩ ଓ ୪ ତାରିଖ ସଂନ୍ଧ୍ୟାରେ ପ୍ରତି ଜିଲ୍ଲା କଂଗ୍ରେସ କମିଟିର ତତ୍ତ୍ୱାବଧାନରେ ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ । ସେହିପରି ଆସନ୍ତା ୭ ଓ ୮ ତାରିଖରେ ଏହି ମଶାଲ ଶୋଭାଯାତ୍ରା ବ୍ଲକ ସ୍ତରରେ ଆୟୋଜିତ ହେବ ବୋଲି ଶ୍ରୀ ଦାସ ଘୋଷଣା କରିଛନ୍ତି । ମହିଳାମାନଙ୍କୁ ପ୍ରତାରଣା କରିବାର ମନବୃତି ଛାଡି ସରକାର ତୁରନ୍ତ ୨୦୨୩ରେ ସଂସଦରେ ସର୍ବସମ୍ମତ କ୍ରମେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରନ୍ତୁ; ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏଆଇସିସିର ଓଡ଼ିଶା ସହ ପ୍ରଭାବରୀ ଜେ.ଟି. କୁସୁମ କୁମାର କହିଲେ, କଂଗ୍ରେସର ୧୪୧ ବର୍ଷ ଇତିହାସରେ ୫୦ ବର୍ଷରୁ ଉର୍ଦ୍ଧ୍ୱକାଳ ମହିଳା ସଭାପତି ଦଳର ନେତୃତ୍ୱ ନେଇଥିବାବେଳେ ୪୬ ବର୍ଷର ବିଜେପି ଇତିହାସରେ ସେମାନେ ଜଣେ ବି ମହିଳାଙ୍କୁ ଦଳର ନେତୃତ୍ୱ ନେବାର ସୁଯୋଗ ଦେଇନାହାନ୍ତି । ଓଲଟା ବିଜେପି କଂଗ୍ରେସକୁ ମହିଳା ବିରୋଧୀ କହିବା ହାସ୍ୟାସ୍ପଦ ବୋଲି ସେ ମତ ଦେଇଥିଲେ ।

୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ତୁରନ୍ତ ଲାଗୁ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶା ବିଧାନସଭାରେ ଏକଥା ଚର୍ଚ୍ଚା ହେଲା । ବିଜେପି ମହିଳା ସଂରକ୍ଷଣକୁ ନେଇ ଏବେ ଡ୍ରାମା କରୁଛି । ଅପପ୍ରଚାର କରୁଛି ଯେ କଂଗ୍ରେସ ମହିଳା ସଂରକ୍ଷଣ ଆଇନ ଲାଗୁ ହେବାରେ ବାଧକ ସାଜିଲା । ୨୦୨୩ ମସିହାରେ ଯେତେବେଳେ ସଂସଦରେ ଏହି ବିଲ ଆସିଲା କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ଏହି ବିଲକୁ ସମର୍ଥନ କଲେ । ବିଲ୍ ଆଇନରେ ପରିଣତ ହେଲା । ମାତ୍ର ଏହି ଆଇନକୁ କ'ଣ ପାଇଁ ୨୦୨୪ ସାଧାରଣ ନିର୍ବଚନରେ ମୋଦି ସରକାର ଲାଗୁ କଲା ନାହିଁ ତା'ର ଜବାବ ରଖନ୍ତୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ମହିଳା କଂଗ୍ରେସ ଓଡ଼ିଶା ପ୍ରଭାରୀ ତୁଲୀକା କର୍ମା, ମହିଳା

# ବନ୍ଦେ ଭାରତ ଏକ୍ସପ୍ରେସର ୨୦ ବର୍ଦ୍ଧିତ କୋଚର ଶୁଭାରମ୍ଭ

ଭୁବନେଶ୍ୱର, ୩।୫ (ମହାଭାରତ): କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ଯାହା ୮ ରୁ ୨୦ ଟି କୋଚକୁ ବୃଦ୍ଧି ପାଇଛି। ଜାମ୍ମୁ ରେଳ ଷ୍ଟେସନରେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଶ୍ରୀ ଓମାର ଅବଦୁଲ୍ଲା, ସାଂସଦ ଶ୍ରୀ ଗୁଲାମ ଅଲ୍ଲୀ ଖଟାନା ଏବଂ ଶ୍ରୀ ସତ ପଲ ଶର୍ମାଙ୍କ ଉପସ୍ଥିତିରେ ଏହି ସମାରୋହକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ଏହାକୁ ଭାରତୀୟ ରେଳ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ବର୍ଣ୍ଣନା କରିଥିଲେ। ସେ କେନ୍ଦ୍ର ଶାସିତ ଅଂଚଳ ଜାମ୍ମୁ କାଶ୍ମୀର ପାଇଁ ସେବାର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ କରି ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ବୋଲି କହିଛନ୍ତି ଯାହା ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରେ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ଏବଂ ଆଂଚଳିକ ଅର୍ଥନୀତିକୁ ମଜବୁତ କରେ। ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜାମ୍ମୁ-କାଶ୍ମୀରରେ 'ବନ୍ଦେ ଭାରତ ' ସେବା କାର୍ଯ୍ୟକ୍ଷମ ହେବାର ପ୍ରଥମ ଦିନରୁ ୧୦୦% ପରିବହନ କ୍ଷମତା ହାସଲ କରିଛି, ଯାହା ଜନସାଧାରଣଙ୍କ ଦୃଢ଼ ସ୍ୱୀକୃତିକୁ ପ୍ରତିଫଳିତ କରୁଛି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏହି ଟ୍ରେନଗୁଡ଼ିକରେ ୫.୫ ଲକ୍ଷରୁ ଅଧିକ ଯାତ୍ରୀ ଯାତ୍ରା କରିସାରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଡୋଗ୍ରି ଏବଂ କାଶ୍ମୀରୀ ବ୍ୟଞ୍ଜନ ସମେତ ଆଂଚଳିକ ବ୍ୟଞ୍ଜନ, ବିଶେଷ କରି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ସାଂସ୍କୃତିକ ଭାବନାରେ ସମୃଦ୍ଧ ଯାତ୍ରା ପ୍ରଦାନ କରୁଛି।



ବୈଷୟିକ ପ୍ରଗତି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ପାଇଁ ବନ୍ଦେ ଭାରତ ଟ୍ରେନଗୁଡ଼ିକ ବିଶେଷ ଭାବରେ ଭିନ୍ନ ପାଣିପାଗ ପରିସ୍ଥିତିରେ ଚଳାଚଳ ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ମାଇନସ୍ ୧୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ଅନ୍ତର୍ଭୁକ୍ତ । ସେ କହିଥିଲେ ଯେ ଏହି ଟ୍ରେନଗୁଡ଼ିକ ସୁଉଚ୍ଚ ସ୍ଥାନ ପାଇଁ ଉପଯୁକ୍ତ ଉନ୍ନତ ଅପରେଟିଂ ସିଷ୍ଟମ୍ ଏବଂ ଇଲେକ୍ଟ୍ରୋନିକ୍ସ ସହିତ ସଜ୍ଜିତ। ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଜାମ୍ମୁ-କାଶ୍ମୀରରେ ଉନ୍ନତ ରେଳ ସଂଯୋଗ ମାଲ ପରିବହନ କାର୍ଯ୍ୟକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି ଏବଂ ବସ୍ତା ପିଛା ୫୦ ଟଙ୍କାରୁ କମ୍ ମୂଲ୍ୟରେ ସିମେଣ୍ଟ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ କରିବାରେ ସହାୟକ ହୋଇଛି। ସେ ସୂଚନା ଦେଇଛନ୍ତି ଯେ ଦକ୍ଷ ମାଲ ପରିବହନ ବ୍ୟବସ୍ଥା ଅମୁଲରୁ ଉତ୍ପାଦ ସାମଗ୍ରୀ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ସକ୍ଷମ କରିଛି ଏବଂ କାଶ୍ମୀରରୁ ଦିଲ୍ଲୀକୁ ୨ କୋଟି କିଲୋଗ୍ରାମରୁ ଅଧିକ ସେଓ ପରିବହନକୁ ସହଜ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚେରି ପରି ଶୀଘ୍ର ନଷ୍ଟ ହେଉଥିବା ଉତ୍ପାଦଗୁଡ଼ିକର ପରିବହନ ମଧ୍ୟ ସହଜ ହେବ ବୋଲି ଆଶା କରାଯାଉଛି, ଯାହା ଏହି ଅଂଚଳର କୃଷକ ଏବଂ ବ୍ୟବସାୟୀମାନଙ୍କୁ ଉପକୃତ କରିବ। ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ ଯେ ୨୦ଟି କୋଚ ବିଶିଷ୍ଟ ଦୁଇଟି ବନ୍ଦେ ଭାରତ ସେବା ଏବେ କାର୍ଯ୍ୟକ୍ଷମ ହୋଇଛି, ଯେଉଁଥିରେ ଆହ୍ୱାନପୂର୍ଣ୍ଣ ହିମାଳୟ ଭୂଖଣ୍ଡ ଏବଂ ସୁଡ଼ଙ୍ଗ ବ୍ୟବସ୍ଥାରେ ସ୍ଥିରତା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଇଛି।

# ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ ଯୋଗାଣର ସ୍ଥିତି ସମୀକ୍ଷା

ଭୁବନେଶ୍ୱର, ୩।୫ (ମହାଭାରତ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମଙ୍ଗଳବାର ରାଜ୍ୟରେ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ୍ ର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଆଦି ବିଭିନ୍ନ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହ ରାଜ୍ୟରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ସମ୍ପର୍କିତ ସ୍ଥିତି ବାବଦରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ବୈଠକରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଘରୋଇ



ଖାଉଟିମାନେ ଗ୍ୟାସ ସିଲିଣ୍ଡର ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ ପାଇପାରୁଛନ୍ତି । ଗ୍ୟାସ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ବର୍ତ୍ତମାନ ଦୂର ହୋଇଛି । ସେହିଭଳି ଅଣ-ଘରୋଇ ତଥା ବାଣିଜ୍ୟକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ସମ୍ଭବ ହୋଇପାରୁଛି। ଫଳରେ ହୋଟେଲ, ରେସ୍ତୋରାଁ ଗୁଡ଼ିକର ଚାହିଦା ଆନେକାଂଶରେ ପୂରଣ ହୋଇପାରୁଛି। ଅନ୍ୟ ପକ୍ଷରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ତେବେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ନେଇ କୌଣସି ସମ୍ଭାବନା ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ଗୁଜବଠାରୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ନିକଟରେ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ ହେବା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ଉପଲବ୍ଧି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲର କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ । ଏଥି ସହିତ ୫ କେଜି ଗ୍ୟାସ ସିଲିଣ୍ଡର ଯୋଗାଣ ବଢ଼ାଇବା ସହ ସବୁ ସହରରେ ପିଏନ୍?ଜି ଯୋଗାଣର ବ୍ୟବସ୍ଥା ବ୍ୟାପକ କରିବା ଏବଂ ସିଏସ୍ଆର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସେ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରାକୃତିକ ଗ୍ୟାସ ଓ ତୈଳ ବିତରଣ କମ୍ପାନୀର ପ୍ରତିନିଧିମାନଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୫ (ମହାଭାରତ): ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଓ ବରିଷ୍ଠ ଲିପିକାର (ସ୍କ୍ରାଇବ୍) କବିତା ନାୟକଙ୍କୁ ଗୁରୁବାର ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଦୀର୍ଘ ସେବାଜୀବନ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ ତାଙ୍କର ବିଭାଗ ପ୍ରତି ଅତୁଟ ନିଷ୍ଠାକୁ ପ୍ରଶଂସା କରି ସେମାନଙ୍କୁ ଏକ ଆଦର୍ଶ ଭାବେ ଉଲ୍ଲେଖ କରିଥିଲେ। ସେମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରଜୀବନ କାମନା କରିଥିଲେ।

ଅତିରିକ୍ତ ଶାସନ ସଚିବ ପ୍ରଣବ କୁମାର ଦାସ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର ଅନୁଭବ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ଉଚ୍ଚସ୍ଥାନରେ ଉଲ୍ଲେଖ କରିଥିଲେ।

ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର ଓ ଉପନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର, ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଓ ଶ୍ରୀ ପଠାଣି ରାଉତ ଅବସରପ୍ରାପ୍ତ କର୍ମଚାରୀମାନଙ୍କର କାର୍ଯ୍ୟଶୈଳୀ, ଦାୟିତ୍ୱପରାୟଣତା ଓ ସମସ୍ତଙ୍କ ସହ ମଧୁର ସମ୍ପର୍କକୁ ସ୍ମରଣ କରି ସେମାନଙ୍କୁ ବିଭାଗର ଏକ ମୂଲ୍ୟବାନ ସଂପଦ ଭାବେ ଉଲ୍ଲେଖ କରିଥିଲେ। ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ଓ ଅଂଶୁମାନ ସାହୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କବିତା ନାୟକ ଓ ବିଶ୍ୱଜିତ ଦାସ ସେମାନଙ୍କର ଦୀର୍ଘ ଚାକିରି ଜୀବନର ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ଓ ସହକର୍ମୀମାନଙ୍କ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ ଆଭାର ଜଣାଇଥିଲେ।

ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

# ଡଲାର ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା ଦିନଦୟାଲ ଗୁପ୍ତାଙ୍କ ଦେହାନ୍ତ

ଭୁବନେଶ୍ୱର, ୩।୫ (ମହାଭାରତ): ପ୍ରସିଦ୍ଧ ଶିଳ୍ପପତି ଏବଂ ହୋସିଆରି ଜଗତର ଜଣାଶୁଣା ନାମ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏମିରେଟସ୍ ଦିନଦୟାଲ ଗୁପ୍ତାଙ୍କର ଶନିବାର ବାର୍ଦ୍ଧକ୍ୟଜନିତ କାରଣରୁ କୋଲକାତାରେ ଦେହାନ୍ତ ଘଟିଛି। ତାଙ୍କ ଦେହାନ୍ତରେ କମ୍ପାନୀ ଏବଂ ଭାରତୀୟ ହୋସିଆରି ତଥା ପୋଷାକ ଶିଳ୍ପ କ୍ଷେତ୍ରରେ ଏକ ଯୁଗର ଅନ୍ତ ଘଟିଛି। ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଏବଂ କମ୍ପାନୀର ଉଲ୍ଲେଖନୀୟ ଯାତ୍ରା ପଛରେ ଏକ ମାର୍ଗଦର୍ଶକ ଶକ୍ତି ଭାବେ ଦିନଦୟାଲ ଗୁପ୍ତା ଅଟଳ ପ୍ରତିବଦ୍ଧତା, ଦୂରଦୃଷ୍ଟି ଏବଂ ସାଧୁତା ସହିତ ୫ ଦଶନ୍ଧିରୁ ଅଧିକ ସମୟ ପାଇଁ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡକୁ ପରିଚାଳନା କରିଥିଲେ। ତାଙ୍କ ନେତୃତ୍ୱରେ, କମ୍ପାନୀ ଏକ ସାଧାରଣ ଆରମ୍ଭରୁ ହୋସିଆରି ଏବଂ ପୋଷାକ କ୍ଷେତ୍ରରେ ଭାରତର ପ୍ରମୁଖ ନିର୍ମାତାମାନଙ୍କ ମଧ୍ୟରେ ଗୋଟିଏ ଭାବରେ ବିକଶିତ ହୋଇପାରିଛି। ତାଙ୍କ ନେତୃତ୍ୱରେ, ଡଲାର ଇଣ୍ଡଷ୍ଟ୍ରିଜ୍ ୧୭୦୦ କୋଟି ଟଙ୍କାରୁ ଅଧିକ ଗୋଷ୍ଠୀରେ ପରିଣତ ହୋଇଛି। ୧୩ ସେପ୍ଟେମ୍ବର ୧୯୩୭ରେ ହରିୟାଣାର ଭିଓ୍ୱାନୀ ଜିଲ୍ଲାର ମନହେରୁ ଗ୍ରାମରେ ସୀମିତ ସାଧନ ସହିତ ଏକ ନମ୍ର ଏବଂ ବଡ଼ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଗୁପ୍ତାଙ୍କ ଜୀବନ ଦୃଢ଼ତା, ସ୍ଥିରତା ଏବଂ ବଡ଼ ସ୍ୱପ୍ନ ଦେଖିବାର ଶକ୍ତିର ପ୍ରମାଣ ଥିଲା। ୧୯୬୨ ମସିହାରେ କୋଲକାତାକୁ ପ୍ରବାସ କରି, ସେ ଆରମ୍ଭରୁ କ୍ରେତାଙ୍କ ବଜେଟ୍ ଏବଂ ଆବଶ୍ୟକତା ଅନୁଯାୟୀ ହୋସିଆରି ଉତ୍ପାଦ ଉତ୍ପାଦନ ଏବଂ ବିକ୍ରୟ ଆରମ୍ଭ କରିଥିଲେ। ଏହା ସହିତ ଉତ୍ପାଦନ ଏବଂ ଫିନିସିଂ ସୁବିଧାଗୁଡ଼ିକର ସମାନ୍ତରାଳ ବିକାଶ, ବିକ୍ରୟ ଆଉଟଲେଟ୍ ଏବଂ ଅଂଶୀଦାର ଖୁଚୁରା ବ୍ୟବସାୟୀଙ୍କ ଏକ ନେଟଓ୍ୱାର୍କ ନିର୍ମାଣ ଏବଂ ଅନ୍ୟ କମ୍ପାନୀ ଦ୍ୱାରା ଅବହେଳିତ ବଜାରର ପ୍ରତ୍ୟକ୍ଷ ବିକାଶ କରାଯାଇଥିଲା। ଜଣେ ଯୁବକ ଭାବରେ, ତାଙ୍କର କିଛି ଅର୍ଥପୂର୍ଣ୍ଣ ନିର୍ମାଣ କରିବାର ଦୃଢ଼ ସଂକଳ୍ପ ଥିଲା। ୧୯୭୨ ମସିହାରେ ସେ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମୂଳଦୁଆ ସ୍ଥାପନ କରିଥିଲେ।



# ମହିଳା କୃଷକ ସଶକ୍ତିକରଣ ଓ ଜିଆଖତ ପ୍ରସ୍ତୁତି ସଚେତନତା

ଭୁବନେଶ୍ୱର, ୩।୫ (ମହାଭାରତ): ଉନ୍ନତ ପୋଷଣୀୟ କୃଷି ଶୈଳୀର ବ୍ୟବହାର ଏବଂ ରାସାୟନିକ ସାର ପ୍ରୟୋଗକୁ କମାଇବା ପାଇଁ ଆଇସିଏଆର୍-ସିଫା ଏବଂ କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧା ମିଳିତ ଉଦ୍ୟମରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ମଝିହରାଓ ରାଜସ ଗ୍ରାମରେ ଏକ ଜିଆଖତ ଉତ୍ପାଦନ ଏବଂଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗସଂପର୍କିତ ଏକ ସଚେତନତା ଶିବିର ଗତ ୨୭ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ରୁ ଉର୍ଦ୍ଧ୍ୱ ମହିଳା କୃଷକ ଯୋଗଦାନ କରିଜୈବିକସାର ପ୍ରସ୍ତୁତି ଓ ଜିଆଖତ ଉତ୍ପାଦନ ପ୍ରଣାଳୀ ଓ ଏହାର ପ୍ରୟୋଗ ସଂପର୍କରେ ଶିକ୍ଷା ଲାଭ କରିଥିଲେ। ମହିଳା କୃଷକମାନେ ଏକ ଜିଆଖତ ପ୍ରସ୍ତୁତି ୟୁନିଟ ପରିଦର୍ଶନ କରି ଏହାର ପ୍ରସ୍ତୁତି ସମ୍ବନ୍ଧିୟ ବିଭିନ୍ନ ସୋପାନ ଯଥା ଜିଆଖତ ବେଡ୍ ପ୍ରସ୍ତୁତି, ଉପଯୁକ୍ତ ଜିଆ ଚୟନ, ଆଦ୍ରତାସ୍ତର, ଉପଯୁକ୍ତ ସମୟରେ ଅମଳ କୌଶଳ ଇତ୍ୟାଦି ଶିକ୍ଷାଲାଭ କରିଥିଲେ। ସିଫା ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଜୈବିକ ଖତ ପ୍ରୟୋଗର ଉପକାରୀତା ଯଥା ମୃତିକାସରଂଚନା, ଅଣୁଜୀବମାନଙ୍କରକାର୍ଯ୍ୟ, ଜଳ ଧାରଣ କ୍ଷମତା ଅଭିବୃଦ୍ଧିରେ ଜୈବିକ ଖତ କିପରି ସାହାଯ୍ୟକରେ ଉପସ୍ଥିତ ମହିଳା କୃଷକ ମାନଙ୍କୁ ବୁଝାଇଥିଲେ। ତତ ସହିତ ସେମାନେ କୃଷିକ୍ଷେତ୍ରରେ ଖର୍ଚ୍ଚକୁ କମାଇବା ଓ ମୃତିକା ଉର୍ବରତାକୁ ଦୀର୍ଘଦିନ ଧରି ବଂଚାଇ ରଖିବା ପାଇଁ ଏହାର ଉପଯୋଗୀତା ସଂପର୍କରେ ମଧ୍ୟ କୃଷକମାନଙ୍କୁ ସଚେତନ କରିଥିଲେ। ରାସାୟନିକ ସାର ପ୍ରୟୋଗ ଦ୍ୱାରାତତ୍କାଳ ଫଳ ମିଳେ ସତ ଏହା ପ୍ରାଣୀ ଜଗତର ସ୍ୱାସ୍ଥ୍ୟହାନୀ କରିବା ସହିତ ପରିବେଶ ପ୍ରଦୁଷଣ କରିଥାଏ ବୋଲି କହିଥିଲେ। ଚାଷୀ ମାନଙ୍କୁ ରାସାୟନିକ ପଦାର୍ଥର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟଏବଂ ପରିବେଶଗତ ବିପଦ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା ଏବଂ ରାଇଜୋବିୟମ୍, ଆଜୋଟୋବ୍ୟାକ୍ଟର, ପିଏସ୍‌ବି, କେଏସ୍‌ବି, ଏଫ୍‌ଓ୍ୱାଇଏମ୍, ସବୁଜସାରଏବଂ ନାନୋ-ୟୁରିଆ ଭଳି ଜୈବସାର ଉପରେ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ତାଲିମ ଦିଆଯାଇଥିଲା ଶେଷରେ ଯୋଗଦାନ କରିଥିବା କୃଷକ ଓ ଜୈବିକ ଖତ ପ୍ରସ୍ତୁତକାରୀ ଅଗ୍ରଣୀ ଚାଷୀଙ୍କ ମଧ୍ୟରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ରଣୀ ଚାଷୀ ମାନେ ଜୈବିକ ଖତ ପ୍ରସ୍ତୁତି, ପ୍ରୟୋଗର ଉପକାରୀତା ଓ ବର୍ତ୍ତମାନ ସମୟରେ ଏହାର ବାଣିଜ୍ୟିକ ଲାଭ ସଂପର୍କରେ ମଧ୍ୟ ସେମାନଙ୍କର ମତ ଉପସ୍ଥାପନ କରିଥିଲେ।



# ଆବାସ ଯୋଜନା ବାଟବଣା

ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯାଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

"ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡ଼କ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ଦେବତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଲପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡ଼ି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞାପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

## ହିନ୍ଦୋଳ ହରିହାଟ ମହୋତ୍ସବର ତୃତୀୟ ସନ୍ଧ୍ୟା




ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ପ୍ରସିଦ୍ଧ ହରିହାଟ ମହୋତ୍ସବ ତିନିଦିନ ଧରି ସୁରୁଖୁରୁରେ ପାଳିତ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ସ୍ତରୀୟ ଏହି ମହୋତ୍ସବ ଗତ ୧ ତାରିଖରୁ ୩ତାରିଖ ଯାଏ ଚାଲିଥିବାବେଳେ ପ୍ରଥମଦିନ ନିମନ୍ତ୍ରିତ ମୁଖ୍ୟଅତିଥି,ମୁଖ୍ୟବକ୍ତା, ସମ୍ମାନିତ ଅତିଥିମାନେ ଯୋଗନ ଦେଇନଥିବା ବେଳେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବାସହ ଏହି ପର୍ବ ଭାଇଚାରାର ପର୍ବ ଓ ଐତିହାସିକ ବୋଲି କହିଥିଲେ।ମହୋତ୍ସବ ସଭାପତି ଉପଜିଲ୍ଲାପାଳ ପ୍ରଭାସ ବେଉରା,ଉପସଭାପତି ତହସିଲଦାର ଦିଲୀପ ସେଠି,ସମ୍ପାଦକ ଡେପୁଟିକଲେକ୍ଟର ବିଶ୍ୱଜିତ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ସେହିପରି ୨ୟ ଦିନ ବରିଷ୍ଠ କଂଗ୍ରେସନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟଅତିଥି,ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ,ସମ୍ମାନିତ ଅତିଥିଭାବରେ ହିନ୍ଦୋଳ ରାଜାସାହେବ ଶୈଳେନ୍ଦ୍ରନାରାୟଣ ସିଂ,ଜିଲ୍ଲାକଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ,ଅତିରିକ୍ତ ଏସପି ହିନ୍ଦୋଳ ଉପଖଣ୍ଡ ପୋଲିସ ଏସଡିପିଓ ସତ୍ୟକୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସେହିପରି ୩ୟ ଦିନରେ ଲୋକପ୍ରିୟ ବିଧାୟକ ବ୍ରଜକିଶୋର ପ୍ରଧାନ(ତାଳଚେର) ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ଏହି ମହୋତ୍ସବକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଦୀପ ଚତୃର୍ବେଦୀ ରୁଙ୍ଗଟା ଅଧିକାରୀ,ସାମ୍ମାନିତ ଅତିଥି ଭାବରେ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ,ଉପାଧ୍ୟାକ୍ଷା ପ୍ରତିମା ରାଉତ, ଉପଜିଲ୍ଲାପାଳ, ତହସିଲଦାର ପ୍ରମୁଖ ଯୋଗଦେଇଥିଲେ।ତେବେ ଐତିହାସିକ ହରିହର ମିଳନ ହରିହାଟଉତ୍ସବ ବିଗତ ଆଠ ବର୍ଷଧରି ହିନ୍ଦୋଳ ହରିହାଟ ମହୋତ୍ସବ ଭାବରେ ପାଳିତ ହୋଇଆସୁଛି ଏବଂ ଚଳିତବର୍ଷ ପ୍ରଥମକରି ହିନ୍ଦୋଳ ପ୍ରଶାସନ ଏହାର ଦାୟିତ୍ୱ ନେଇ ସୁଚାରୁରୂପେ ଦାୟିତ୍ୱ ସମ୍ପର୍ଣ୍ଣ କରିଥିବାବେଳେ କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ।ଆଜି ପ୍ରସିଦ୍ଧ ହାସ୍ୟ ଅଭିନେତା ପପୁ ପମପମଙ୍କ ମନଛୁଆଁ ଅଭିନୟ ସାଙ୍ଗକୁ ପ୍ରତ୍ୟେକଦିନ ସୁନାମଧନ୍ୟ କଳାକାର ମାନଙ୍କଦ୍ୱାରା ବିଭିନ୍ନ ସଂସ୍କୃତିକ,ମନୋରଞ୍ଜନ, ଡ୍ୟାନ୍ସ, ସଂଗୀତ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମୋହିତ କରିଥାଏ। ହଜାରହଜାର ଶ୍ରଦ୍ଧାଳୁ ଦର୍ଶକ ଏଠାରେ ପସରା ମେଳାଇଥିବା ବିଭିନ୍ନ ଷ୍ଟଲ,ମନୋହାରୀଦୋକାନ,ଘରଉପକରଣ ସାମଗ୍ରୀ ସହ ବିଭିନ୍ନ ଖେଳନା,ଫାଷ୍ଟଫୁଡ ଦୋକାନ,ଦୋଳି ଇତ୍ୟାଦିର ଭରପୁର ମଜ୍ଜା ଉଠାଇଥାନ୍ତି। ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବରେ ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଉପଅଧିକ୍ଷକ ସତ୍ୟ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ଦକ୍ଷ ନେତୃତ୍ୱରେ ହିନ୍ଦୋଳ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଲାଞ୍ଜିଗଡ଼ ବ୍ଲକରେ ଭିଆରପି ଦ୍ୱାରା ସାମାଜିକ ଅଡ଼ିଟ୍ ସଚେତନତା ବୃଦ୍ଧି ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର



ଲାଞ୍ଜିଗଡ଼, (ମହାଭାରତ) : ଗ୍ରାମ ସମ୍ବଳ ବ୍ୟକ୍ତି(ଭିଆରପି)ମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ଲକ୍ଷ୍ୟରେ ଲାଞ୍ଜିଗଡ଼ ବ୍ଲକ ସ୍ତରରେ ଶନିବାର ଦିନ ଏକ ଦିବସୀୟ ରିଫ୍ରେସର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଉକ୍ତ ଶିବିରରେ ସ୍ଥାନୀୟ ଭିଆରପିମାନଙ୍କୁ ସାମାଜିକ ସମୀକ୍ଷା ପ୍ରକ୍ରିୟା ସଂକ୍ରାନ୍ତ ଜ୍ଞାନ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ,ଶ୍ରମ ଅଧିକାରୀ,ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ସ୍ତରୀୟ ସାମାଜିକ ସମୀକ୍ଷକ ମୁଖ୍ୟ ପ୍ରଶିକ୍ଷକ ଭୂମିକାରେ ଅଂଶଗ୍ରହଣ କରି ଭିଆରପିମାନଙ୍କୁ ସାମାଜିକ ସମୀକ୍ଷାର ବିଭିନ୍ନ ଦିଗ ସଂପର୍କରେ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ।ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷାର ଧାରା,ଗ୍ରାମସଭା ଆୟୋଜନ,ଅଭିଯୋଗ ଦର୍ଜ ଓ ତଦନ୍ତ ପ୍ରକ୍ରିୟା,କ୍ଷେତ୍ର ଯାଞ୍ଚ ପ୍ରଣାଳୀ ଏବଂ ସମୀକ୍ଷାର ତଥ୍ୟ ସଂଗ୍ରହ ଓ ପ୍ରମାଣ ସଂରକ୍ଷଣ ବିଷୟରେ ପ୍ରଶିକ୍ଷଣ ଦିଆଗଲା। ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷକ ଶିବିରରେ ଜଣାଇଲେ ଯେ' ଭିଆରପିମାନେ ଗ୍ରାମ ଓ ପ୍ରଶାସନ ମଧ୍ୟରେ ସେତୁଭଳି ଭୂମିକା ଗ୍ରହଣ କରିଥାନ୍ତି।ସରକାରୀ ଯୋଜନାର ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଏପରି ଶିବିର ଭିଆରପିମାନଙ୍କ ଆତ୍ମବିଶ୍ୱାସ ଓ ଦକ୍ଷତାକୁ ଦୃଢ଼ ଭିତ୍ତିଭୂମି ଦେଉଛି। ବ୍ଲକ୍ ଶିକ୍ଷା ଅଧିକାରୀ ଏହି ଅବସରରେ କହିଲେ ଯେ'ସ୍ଥଳ ଯାଞ୍ଚ ଓ ଜନ ସୁନ ୱାଇ ସମୟରେ ଭିଆରପିମାନଙ୍କ ଦ୍ୱାରା ସଠିକ ତଥ୍ୟ ସଂଗ୍ରହ ଏବଂ ସ୍ଥାନୀୟ ସ୍ତରରେ ଜନ ସଚେତନତା ବୃଦ୍ଧି ପ୍ରକ୍ରିୟା ଅଧିକ ଫଳପ୍ରଦ ହୋଇ ଥାଏ।ଏଣୁ ଏହିଭଳି ରିଫ୍ରେସର ଶିବିର ନିୟମିତ ଭାବରେ ଆୟୋଜନ କରିବା ଆବଶ୍ୟକ। ବିଏସ୍ଏସ୍ଓ ଜଣାଇଲେ ଯେ' ଓଡ଼ିଶା ସରକାର ଓ ଓସାଟର ନିର୍ଦ୍ଦେଶନା ଅନୁଯାୟୀ ଏହି ଶିବିର ପରିଚାଳିତ ହୋଇଛି ଏବଂ ଭବିଷ୍ୟତରେ ଗ୍ରାମ ସ୍ତରୀୟ ଅଡ଼ିଟ୍ ପ୍ରକ୍ରିୟା ଆହୁରି ଦୃଢ଼ ଓ ଫଳପ୍ରଦ ହୋଇ ଉଠିବ।ଶିବିର ଶେଷରେ ଉପସ୍ଥିତ ଭିଆରପିମାନେ ମତ ପ୍ରକାଶ କଲେ ଯେ'ଏହା ଏକ ଦିବସୀୟ ପ୍ରଶିକ୍ଷଣ ସେମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ଏଥିରୁ ଅର୍ଜିତ ଜ୍ଞାନ ସେମାନଙ୍କ ସମୀକ୍ଷା କାର୍ଯ୍ୟରେ ଫଳପ୍ରଦ ଭୂମିକା ଗ୍ରହଣ କରିବ।ଉକ୍ତ ଶିବିରରେ ଲାଞ୍ଜିଗଡ଼ ବ୍ଲକ ଅଧୀନ ସମସ୍ତ ଭିଆରପି ଅଂଶଗ୍ରହଣ କରି ଏହି ଉଦ୍ୟୋଗକୁ ସ୍ୱାଗତ ଜଣାଇଥିଲେ।

## ସରିଥିଲା ବାହାଘର ହୋଇଥାନ୍ତା ଚତୁର୍ଥୀ, ଚତୁର୍ଥୀ ପୂର୍ବରୁ ବର ଘରୁ କନ୍ୟାଙ୍କୁ ଉଠାଇ ଆଣିଲା ଚାଇଲ୍ଡ ଲାଇନ




ନୟାଗଡ, (ମହାଭାରତ) : ସରିଥିଲା ବାହାଘର ଆଜି ରାତିରେ ହୋଇଥାନ୍ତା ଚତୁର୍ଥୀ। ହେଲେ ଚଉଠି ପୂର୍ବରୁ ବର ଘରୁ କନ୍ୟାଙ୍କୁ ଉଠାଇ ଆଣିଲା ଚାଇଲ୍ଡ ଲାଇନ। ପୋଲିସ ସହାୟତାରେ ଚାଇଲ୍ଡ ଲାଇନ ଟିମ୍ ନାବାଳିକାକୁ ଉଦ୍ଧାର କରି ସିଡବ୍ଲୁସି ରେ ହାଜର କରାଯାଇଛି। ସିଡବ୍ଲୁସି ପକ୍ଷରୁ ନାବାଳିକାକୁ କାଉନସିଲିଙ୍ଗ୍ କରାଯାଇ ଓ୍ୱାନ୍-ଷ୍ଟପ୍ ସେଣ୍ଟର ରେ ରଖାଯାଇଛି। ଏହି ଘଟଣା ଘଟିଛି ନୟାଗଡ଼ ଇଟାମାଟି ଥାନା ଡେଙ୍ଗେରାଗୋଡି ଗାଁରେ। ସୂଚନା ଅନୁଯାୟୀ ଦିଲ୍ଲୀପ କୁମାର ପରିଡା ଭାପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରି ଚତୁର୍ଥୀ ପାଇଁ ପ୍ରସ୍ତୁତି କରୁଥିବା ବେଳେ ଖବର ପାଇ ଚାଇଲ୍ଡ ଲାଇନ ଟିମ୍ ଚଢ଼ାଉ କରି ନାବାଳିକାକୁ ଉଦ୍ଧାର କରିଛି। ପୋଲିସ ଏବଂ ଚାଇଲ୍ଡ ଲାଇନ ଟିମ୍ କୁ ଦେଖି ଘଟଣା ସ୍ଥଳରୁ ଅଭିଯୁକ୍ତ ଦିଲ୍ଲୀପ କୁମାର ପରିଡା ଫେରାର ହୋଇଛି। ଦିଲ୍ଲୀପ ହେଉଛନ୍ତି ଡେଙ୍ଗେରାଗୋଡି ଗାଁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ହେଲ୍ପର ମଞ୍ଜୁଲତା ଦେଇଙ୍କ ପୁଅ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଥିବା ବେଳେ ଆଜି ଦିଲ୍ଲୀପଙ୍କ ଚତୁର୍ଥୀ ପର୍ବ ପାଳନ ପାଇଁ ଗାଁ ରେ ବ୍ୟାପକ ଆୟୋଜନ କରାଯାଇଥିବା ଦେଖିବା ପାଇଁ ମିଳିଛି। ଏହା ପୂର୍ବରୁ ଚାଇଲ୍ଡ ଲାଇନ କନ୍ୟାକୁ ଇଟାମାଟି ପୋଲିସ ସହାୟତାରେ ଦିଲ୍ଲୀପଙ୍କ ଘରୁ ଉଠାଇ ଆଣିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ନୟାଗଡ଼ ବ୍ଲକ ସିଡ଼ିପିଓ କହିଛନ୍ତି। ଚାଇଲ୍ଡ ମ୍ୟାରେଜ ପାଇଁ ନୟାଗଡ଼ ଜିଲ୍ଲା ଚର୍ଚ୍ଚାରେ ରହିଥିବା ବେଳେ ଜଣେ ଅଙ୍ଗନଓ୍ୱାଡ଼ି ହେଲ୍ପର କିପରି ନିଜ ପୁଅ ସାଙ୍ଗରେ ଜଣେ ନାବାଳିକାଙ୍କ ବିବାହ କରିବା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥା ପାଲଟିଛି। ଏହି ଘଟଣାରେ ନୟାଗଡ଼ ଜିଲ୍ଲାପାଳ ଦୋଷୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଅପେକ୍ଷା।

## ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା : ବିବାଦୀୟ ପୂର୍ବତନ ଖଣ୍ଡପଡ଼ା ଏସ୍‌ଡିପିଓ ନିଲମ୍ବିତ



ନୟାଗଡ, (ମହାଭାରତ) : ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଅଭିଯୋଗରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ବିବାଦୀୟ ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ରାଜ୍ୟ ଗୃହ ମନ୍ତ୍ରାଳୟ ନିଲମ୍ବନ କରିଛି। ଏପ୍ରିଲ ୨୯ ତାରିଖ ଚିଠି ନଂ ୧୪୭୭୦ ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ତାଙ୍କୁ ସେଣ୍ଟ୍ରାଲ୍ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି। ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିବା ସହ ରାତି ବିତାଇବାକୁ ଡାକିବା ଘଟଣାକୁ ନେଇ ତାଙ୍କ ନାମରେ ଗତ ମାସ ୨୦ ତାରିଖରେ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୧୧୮/୨୬ ରେ ଏସଡିପିଓ ମଦନ ମୋହନ ପ୍ରଧାନ ଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହାସହ ପୀଡ଼ିତାଙ୍କ ନାମରେ ସୋସିଆଲ ମିଡିଆରେ ଅପପ୍ରଚାର କରୁଥିବା ନେଇ ୧୨୮/୨୬ ରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏସ୍‌ଡିପିଓ ଙ୍କୁ ପ୍ରଥମେ ଖଣ୍ଡପଡ଼ାରୁ ପ୍ରତ୍ୟାହାର କରାଯାଇଥିଲା। ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ କାର୍ଯ୍ୟରେ ଯୋଗ ନ ଦେଇ ଛୁଟି ଦରଖାସ୍ତ ପଠାଇ ନିଖୋଜ ହୋଇଯାଇଥିଲେ। ନୟାଗଡ଼ ଜିଲ୍ଲା ପୁଲିସ୍ ଦୁଇ ଦୁଇଟି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ବେଳେ ଗୃହ ବିଭାଗ ତାଙ୍କୁ ନିଲମ୍ବନ କରିଛନ୍ତି। ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ହଇରାଣ କରିବା ସହ ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳାପ, ହ୍ୱାଟସ୍-ଆପ୍ ଚାଟ୍ ଭାଇରାଲ ହେବା ପରେ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ କଳଙ୍କିତ ଚେହେରା ସାମ୍ନାକୁ ଆସିଛି। ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ଏକ ମାମଲାର ସମାଧାନ କରିବା ବାହାନାରେ ଏସ୍‌ଡିପିଓ ତାଙ୍କୁ ହୋଟେଲକୁ ଡକାଇବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀ କୁ କୌଣସି ଏକ ମିଥ୍ୟା ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି, ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳାଙ୍କ ଠାରୁ ମିଳିଛି। ଯେଉଁଥିରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଇଛି। କେବେ ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ଗିରଫ ହେବେ, ତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଏସ୍‌ଡିପିଓ ଜାମିନ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ସୂଚନା ମିଳିଛି।

## ଲାଞ୍ଜିଗଡ଼ ବ୍ଲକରେ ଭିଆରପି ଦ୍ୱାରା ସାମାଜିକ ଅଡ଼ିଟ୍ ସଚେତନତା ବୃଦ୍ଧି ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ


ଲଞ୍ଜିଗଡ଼, (ମହାଭାରତ) : ଗ୍ରାମ ସମ୍ବଳ ବ୍ୟକ୍ତି (ଭିଆରପି) ମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ଲକ୍ଷ୍ୟରେ ଲାଞ୍ଜିଗଡ଼ ବ୍ଲକ ସ୍ତରରେ ଶନିବାର ଦିନ ଏକ ଦିବସୀୟ ରିଫ୍ରେସର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଉକ୍ତ ଶିବିରରେ ସ୍ଥାନୀୟ ଭିଆରପିମାନଙ୍କୁ ସାମାଜିକ ସମୀକ୍ଷା ପ୍ରକ୍ରିୟା ସଂକ୍ରାନ୍ତ ଜ୍ଞାନ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ,ଶ୍ରମ ଅଧିକାରୀ,ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ସ୍ତରୀୟ ସାମାଜିକ ସମୀକ୍ଷକ ମୁଖ୍ୟ ପ୍ରଶିକ୍ଷକ ଭୂମିକାରେ ଅଂଶଗ୍ରହଣ କରି ଭିଆରପିମାନଙ୍କୁ ସାମାଜିକ ସମୀକ୍ଷାର ବିଭିନ୍ନ ଦିଗ ସଂପର୍କରେ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ।ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷାର ଧାରା,ଗ୍ରାମସଭା ଆୟୋଜନ,ଅଭିଯୋଗ ଦର୍ଜ ଓ ତଦନ୍ତ ପ୍ରକ୍ରିୟା,କ୍ଷେତ୍ର ଯାଞ୍ଚ ପ୍ରଣାଳୀ ଏବଂ ସମୀକ୍ଷାର ତଥ୍ୟ ସଂଗ୍ରହ ଓ ପ୍ରମାଣ ସଂରକ୍ଷଣ ବିଷୟରେ ପ୍ରଶିକ୍ଷଣ ଦିଆଗଲା। ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷକ ଶିବିରରେ ଜଣାଇଲେ ଯେ' ଭିଆରପିମାନେ ଗ୍ରାମ ଓ ପ୍ରଶାସନ ମଧ୍ୟରେ ସେତୁଭଳି ଭୂମିକା ଗ୍ରହଣ କରିଥାନ୍ତି।ସରକାରୀ ଯୋଜନାର ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଏପରି ଶିବିର ଭିଆରପିମାନଙ୍କ ଆତ୍ମବିଶ୍ୱାସ ଓ ଦକ୍ଷତାକୁ ଦୃଢ଼ ଭିତ୍ତିଭୂମି ଦେଉଛି। ବ୍ଲକ୍ ଶିକ୍ଷା ଅଧିକାରୀ ଏହି ଅବସରରେ କହିଲେ ଯେ'ସ୍ଥଳ ଯାଞ୍ଚ ଓ ଜନ ସୁନ ୱାଇ ସମୟରେ ଭିଆରପିମାନଙ୍କ ଦ୍ୱାରା ସଠିକ ତଥ୍ୟ ସଂଗ୍ରହ ଏବଂ ସ୍ଥାନୀୟ ସ୍ତରରେ ଜନ ସଚେତନତା ବୃଦ୍ଧି ପ୍ରକ୍ରିୟା ଅଧିକ ଫଳପ୍ରଦ ହୋଇ ଥାଏ।ଏଣୁ ଏହିଭଳି ରିଫ୍ରେସର ଶିବିର ନିୟମିତ ଭାବରେ ଆୟୋଜନ କରିବା ଆବଶ୍ୟକ। ବିଏସ୍ଏସ୍ଓ ଜଣାଇଲେ ଯେ' ଓଡ଼ିଶା ସରକାର ଓ ଓସାଟର ନିର୍ଦ୍ଦେଶନା ଅନୁଯାୟୀ ଏହି ଶିବିର ପରିଚାଳିତ ହୋଇଛି ଏବଂ ଭବିଷ୍ୟତରେ ଗ୍ରାମ ସ୍ତରୀୟ ଅଡ଼ିଟ୍ ପ୍ରକ୍ରିୟା ଆହୁରି ଦୃଢ଼ ଓ ଫଳପ୍ରଦ ହୋଇ ଉଠିବ।ଶିବିର ଶେଷରେ ଉପସ୍ଥିତ ଭିଆରପିମାନେ ମତ ପ୍ରକାଶ କଲେ ଯେ'ଏହା ଏକ ଦିବସୀୟ ପ୍ରଶିକ୍ଷଣ ସେମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ଏଥିରୁ ଅର୍ଜିତ ଜ୍ଞାନ ସେମାନଙ୍କ ସମୀକ୍ଷା କାର୍ଯ୍ୟରେ ଫଳପ୍ରଦ ଭୂମିକା ଗ୍ରହଣ କରିବ।ଉକ୍ତ ଶିବିରରେ ଲଞ୍ଜିଗଡ଼ ବ୍ଲକ ଅଧୀନ ସମସ୍ତ ଭିଆରପି ଅଂଶଗ୍ରହଣ କରି ଏହି ଉଦ୍ୟୋଗକୁ ସ୍ୱାଗତ ଜଣାଇଥିଲେ।


## ଦେବୀପ୍ରିୟା ବାରିକ ନବରଙ୍ଗପୁର ଜିଲ୍ଲା ଟପ୍ପର

ରାଇଘର, (ମହାଭାରତ) : ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ନବରଙ୍ଗପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ରାଇଘର ବ୍ଲକ ଅନ୍ତର୍ଗତ ଯୋଡ଼ିଙ୍ଗା ସଂଯୁକ୍ତା ଅର୍ଦ୍ଧ ସରକାରୀ ବିଦ୍ୟାଳୟର ଛାତ୍ରୀ ଦେବୀ ପ୍ରିୟା ବାରିକ ଚମତ୍କାର ପ୍ରଦର୍ଶନ କରି ନବରଙ୍ଗପୁର ଜିଲ୍ଲା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଦେବୀ ପ୍ରିୟା ମୋଟ ୬୦୦ ନମ୍ବରରୁ ୫୫୧ ନମ୍ବର ରଖିଛନ୍ତି । ଯାହାର ଶତକଡ଼ା ହାର ୯୧.୮୩% । ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ଜିଲ୍ଲା ତଥା ତାଙ୍କ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି । ସରକାରୀ ବିଦ୍ୟାଳୟରେ ପଢ଼ି ଜଣେ ଛାତ୍ରୀ ଜିଲ୍ଲାସ୍ତରରେ ଶୀର୍ଷସ୍ଥାନ ଅଧିକାର କରିବା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିଛି । ଦେବୀ ପ୍ରିୟା ଏହି କୃତିତ୍ୱ ପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କ ପରିଶ୍ରମକୁ ଉଚ୍ଚପ୍ରଶଂସା କରିଛନ୍ତି। ନିଜର ସଫଳତା ପାଇଁ ଦେବୀ ପ୍ରିୟା ତାଙ୍କ ପିତାମାତା ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି।

## କାଳବୈଶାଖୀରେ ଉଡ଼ିଗଲା ଘରର ଛାତ

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଅଞ୍ଚଳରେ ଗୁରୁବାର ସଂଧ୍ୟାରେ କାଳବୈଶାଖୀ ପ୍ରଭାବ ସମସ୍ତ ସ୍ଥାନରେ ଦେଖିବାକୁ ମିଳିଥିଲା। ପ୍ରବଳ ପବନ ଯୋଗୁଁ ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଗଛ ଓ ଡାଳ ପଡି ରହିବାରୁ ଦିର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ ଖୁଣ୍ଟି ଓ ତାର ଉପରେ ଡାଳ ପଡ଼ିବାରୁ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। କେତେକ ସ୍ଥାନରେ ଘର ଓ ଦୋକାନ ଗୃହ ଉପରେ ଗଛ ପଡି କ୍ଷତିଗ୍ରସ୍ତ ହୋଇଥିବାର ଖବର ମିଳିଛି। ସୂଚନା ଅନୁସାରେ କାଳବୈଶାଖୀରେ ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୯ନମ୍ବର ୱାର୍ଡ ? ମହୁଲିଆ (ଲୁଣି )ଗ୍ରାମର ରେ ଟୁନା ନାୟକ, ଉଛେଇ ନାୟକ, ସୁରଞ୍ଜି ନାୟକ, ପରବାସୀ ନାୟକ ଙ୍କ ଭଳି ଅନେକ ଲୋକଙ୍କ ଘର ର ଛାତ ଉଡିଯାଇଛି। ସେହିଭଳି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଂଚାୟତ ର ମାର୍ଦାବାଡି ଗ୍ରାମର ଗୋଲାପ ନାୟକଙ୍କ ଛାତ ସହ ଘରର ସାମଗ୍ରୀ ନଷ୍ଟ ହୋଇଯାଇଛି।

## ସଂଘର୍ଷରୁ ସଫଳତା: ଏମଭି–୭୯ର ଛାତ୍ରୀ ଆଖି ମଣ୍ଡଳଙ୍କ ମାଟ୍ରିକ୍ ଟପ୍




ମାଲକାନାଗିରି, (ମହାଭାରତ) : ସଂଘର୍ଷ ଓ ଅଦମ୍ୟ ପରିଶ୍ରମର ଏକ ପ୍ରେରଣାଦାୟକ କାହାଣୀ ହେଉଛି ଏମଭି–୭୯ର ଛାତ୍ରୀ ଆଖି ମଣ୍ଡଳଙ୍କ ସଫଳତା। ପିଲାଦିନରୁ ନିଜ ଆଇଙ୍କ ଘରେ ରହି, ମାମୁଁଙ୍କ ଦୋକାନରେ ସାହାଯ୍ୟ କରି ସେ ପଢ଼ା ଜାରି ରଖିଥିଲେ। ସମସ୍ତ ବାଧା ବିପରୀତ ସ୍ଥିତିକୁ ଜିତି, ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ୪୮୦ ମାର୍କ ପାଇ ସେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଆଖି ମଣ୍ଡଳ ଏମଭି–୭୯ ସରକାରୀ ସାବରୀ ବିଦ୍ୟା ଭବନରେ ଅଧ୍ୟୟନ କରୁଥିଲେ। ପଢ଼ା ସହ ସେ ଘରୋଇ ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ଦୋକାନରେ ଆଇ ଓ ମାମୁଁଙ୍କୁ ସହଯୋଗ କରିବା ସହିତ ସେ ନିଜ ପାଠ ପ୍ରତି ଅଟୁଟ ମନୋଯୋଗ ରଖିଥିଲେ। ତାଙ୍କର ଏହି ଦୃଢ଼ ସଂକଳ୍ପ ଓ ପରିଶ୍ରମ ଆଜି ଫଳଦାୟକ ହୋଇଛି। ସ୍ଥାନୀୟ ଲୋକମାନେ କହୁଛନ୍ତି ଯେ, ସୁବିଧା ସଂପନ୍ନ ପରିବେଶରେ ରହିଥିବା ଅନେକ ଛାତ୍ରଛାତ୍ରୀ ଯେଉଁଠାରେ ପାଠ ପଢ଼ାରେ ଗୁରୁତ୍ୱ ଦେଇପାରୁନାହାନ୍ତି, ସେଠାରେ ଆଖିଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ଏକ ଜୀବନ୍ତ ଉଦାହରଣ। ତାଙ୍କର ଆଖିର ସ୍ୱପ୍ନ ଆଜି ସତ୍ୟ ହୋଇଛି ବୋଲି ସମସ୍ତେ ଖୁସି ପ୍ରକାଶ କରିଛନ୍ତି। ପରିବାର ସଦସ୍ୟ ଓ ଶିକ୍ଷକମାନେ ତାଙ୍କର ଏହି ସଫଳତାକୁ ନେଇ ଗର୍ବ ଅନୁଭବ କରୁଥିବା ବେଳେ, ଆଗାମୀ ଦିନରେ ଆଖି ଆଉ ବଡ଼ ସଫଳତା ଅର୍ଜନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ଦୋଳି ଖେଳିବା ହେଲା କାଳ

କପ୍ତିପଦା, (ମହାଭାରତ ) : ଉଦଳା ଥାନା ଅନ୍ତର୍ଗତ ଜଗନ୍ନାଥୀ ଗ୍ରାମର ଦୁର୍ଗା ମୁର୍ମୁଙ୍କ ସାନପୁଅ ସତ୍ୟ ମୁର୍ମୁ ଘର ବାଡ଼ିରେ ଆତ ଗଛରେ ଶାଢ଼ୀରେ ହୋଇଥିବା ଦୋଳିରେ ବସି ଝୁଲୁଥିଲା। ପୁଅ ଖେଳୁଥିବା ଦେଖି ପରିବାର ଲୋକେ ନିଜ ନିଜ କାମରେ ବ୍ୟସ୍ତ ଥିଲେ। କିନ୍ତୁ ଅଚାନକ କିଛି ସମୟ ପରେ ସେହି ଝୁଲୁଥିବା ଶାଢ଼ୀ ର ଦୋଳିଟି ନାବାଳକର ବେକରେ ଛନ୍ଦି ହୋଇ ଯାଇଥିଲା। ଯାହା ଫଳରେ ନାବାଳକ ଜଣକ ଝୁଲି ଯାଇଥିଲେ। ପରିବାର ସଦସ୍ୟ ଜଣେ ଉକ୍ତ ସମୟରେ ବାଡ଼ି ଆଡକୁ ଯିବା ସମୟରେ ଝୁଲନ୍ତା ଅବସ୍ଥାରେ ନାବାଳକ କୁ ଦେଖିବାକୁ ପାଇଥିଲେ ଏବଂ ପରିବାର ଲୋକଙ୍କୁ ଜଣାଇଥିଲେ।

# ଲୋନ୍‌ରେ ମେସିନ କିଣି ଫସିଲେ ଉଦ୍ୟୋଗୀ




ଦାନଗଦି: (ମହାଭାରତ) ସରକାରଙ୍କ ଯୋଜନା ଅନୁଯାୟୀ ଚଗରଏଚ ମାଧ୍ୟମରେ ଯେ କେହିବି ଉଦ୍ୟୋଗୀ ହେବାସହ ନିଜର ବ୍ୟବସାୟ ବଢ଼ାଇ ନୂଆ ନୂଆ କୌଶଳ ମାଧ୍ୟମରେ ବେଶ ଦୁଇପାଇଶ ରୋଜଗାର କରିବେ ଉଦ୍ୟୋଗୀମାନେ। କିନ୍ତୁ ଦାନଗଦି ବ୍ଲକ ଯାଜପୁର ଗ୍ରାମର ବିବି ଷ୍ଟିଲ ର ମାଲିକ ଆଜି ଲୋନ୍ ଗୁରୁତର ସମସ୍ୟାରେ ପଡ଼ିଥିବା ଘଟଣା କଳିଙ୍ଗନଗରରୁ ସାମ୍ନାକୁ ଆସିଛି। ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳରେ ଥିବା ଏମ୍/ଏସ୍ ବି.ବି. ଷ୍ଟିଲ ନାମକ ଉଦ୍ୟୋଗର ପ୍ରୋପ୍ରାଇଟର ଅର୍ଚ୍ଚନା ମହାନ୍ତି, ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ, ଯାଜପୁର ରୋଡ଼ ଠାରୁ ଲୋନ୍ ଗ୍ରହଣ କରି ଦୁଇଟି ମେସିନ୍ ସ୍ଥାପନ ପାଇଁ ଚୁକ୍ତି କରିଥିଲେ। ଏହି ଚୁକ୍ତି ଗତ ବର୍ଷ ଅକ୍ଟୋବର ମାସରେ ସରକାର ଦ୍ୱାରା ଅନୁବନ୍ଧିତ ସଂସ୍ଥା ମା ତାରିଣୀ ଏଣ୍ଟରପ୍ରାଇଜେସ୍ ସହ ସମ୍ପନ୍ନ ହୋଇଥିଲା। କିନ୍ତୁ ଦୁଃଖର ବିଷୟ, ୭ ମାସ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ମେସିନ୍ ଚାଲୁ ହୋଇପାରିନାହିଁ। ଏହାର ପରିଣାମରେ, ଉଦ୍ୟୋଗୀ ମାସକୁ ପ୍ରାୟ ୫୪ ହଜାର ଟଙ୍କା ରଗଓ ଦେଇ ଭାରି ଆର୍ଥିକ ଚାପରେ ଅଛନ୍ତି। ଆୟ ନଥିବା ସତ୍ତ୍ୱେ ରଗଓ ଚାଲୁ ଥିବାରୁ ସେ ମାନସିକ ଓ ଆର୍ଥିକ ଭାବେ ଦୁଇମୁହା ଚାପରେ ପଡ଼ିଛନ୍ତି। ଅଭିଯୋଗ ଅନୁସାରେ, ସଂପୃକ୍ତ ସଂସ୍ଥା ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟ ଓ ପ୍ରଭାବଶାଳୀ ପଦକ୍ଷେପ ନେଇନାହାନ୍ତି। ବିବଶ ହୋଇ ଉଦ୍ୟୋଗୀ ଉପଭୋକ୍ତା ସୁରକ୍ଷା ଆଇନ୍ ଅଧୀନରେ ମାମଲା କରିବାକୁ ପଦକ୍ଷେପ ନେଇଥିଲେ। ଓକିଲଙ୍କ ନୋଟିସ ପରେ କିଛି କର୍ମଚାରୀ ଆସି କାମ ଆରମ୍ଭ କରିଥିବା ସୂଚନା ମିଳିଛି, କିନ୍ତୁ ମେସିନ୍ କେବେ ପୂର୍ଣ୍ଣ ଭାବେ ଚାଲୁ ହେବ, ସେନେଇ ଅନିଶ୍ଚିତତା ଜାରି ରହିଛି। ଏଠାରେ ବଡ଼ ପ୍ରଶ୍ନ ଉଠିଛି କି ସରକାରୀ ଅନୁବନ୍ଧିତ ସଂସ୍ଥାମାନଙ୍କର ନିଜସ୍ୱ ମାନୁଫାକ୍‌ଚରିଂ ୟୁନିଟ୍ ଅଛି କି ? ନା ବାହାରୁ ମେସିନ୍ ଆଣି କମ୍ପାନୀ ଲୋଗୋ ଲଗାଇ ଉଦ୍ୟୋଗୀମାନଙ୍କୁ ଠକାଯାଉଛି ? ଏହି ଘଟଣା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଉଥିବା ବେଳେ ଏହି ଘଟଣା ପରେ ସରକାର ଓ ସମ୍ପୃକ୍ତ ବିଭାଗ କେମିତି ପଦକ୍ଷେପ ନେବେ, ଏବଂ ଉଦ୍ୟୋଗୀ କେବେ ନ୍ୟାୟ ପାଇବେ ସେଥିପାଇଁ ସମସ୍ତଙ୍କ ନଜର ରହିଛି।

## ପ୍ରବଳ ବର୍ଷା ପବନରେ ଗଛପଡି ମୃତ୍ୟୁ ଓ ଗୁରୁତର ହୋଇଥିବା ପରିବାରଙ୍କୁ ଭେଟିଲେ ବିଧାୟକ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଶୁକ୍ରବାର ପ୍ରବଳ ବର୍ଷା ପବନରେ ଗଛ ପଡ଼ି ମୃତୁ ହୋଇଥିବା କେ. ମନ୍ମଥ ରାଓଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ । ମୃତକପରିବାରଙ୍କୁ ଭେଟି ଆଲୋଚନା କରିବା ସହ ଗଭୀର ସମବେଦନା ଜଣାଇଛନ୍ତି । ସେହିପରି ଏହି ଘଟଣାରେ ଗୁରୁତର ଆଘାତ ପାଇଥିବା ଏ. ଶ୍ରୀନିବାସ ରାଓଙ୍କ ପରିବାର ସହ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କେ ପଚାରି ବୁଝିଥିଲେ । ଉଭୟ ପରିବାରଙ୍କ ସହ ମିଶି ଆଶ୍ୱାସନା ଦେବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହା ସହ ଦୁର୍ଘଟଣାସ୍ଥଳ ତଥା ଦୋକାନ ଉପରେ ଗଛ ପଡ଼ି ମୃତ୍ୟୁ ହୋଇଥିବା ସ୍ଥାନକୁ ଯାଇ ବିଧାୟକ ଦେଖି ତୁରନ୍ତ ବନ ବିଭାଗ ଅଧିକାରୀ କେ. ନାଗରାଜଙ୍କୁ ଫୋନ୍ ମାଧ୍ୟମରେ ଆଲୋଚନା କରି ସେଇ ସ୍ଥାନରୁ ବିପଦଶଙ୍କୁଳ ଅବସ୍ଥାରେ ଥିବା ଗଛ ଓ ଡାଳ ଗୁଡିକୁ ହଟାଇବା ପାଇଁ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧକ୍ଷ ଏନ୍. ବୀରରାଜୁ, ବାଘଶାଳା ସରପଞ୍ଚ ଟି. ଭୀମରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଣି ପାଇଁ ପମ୍ପ ହାଉସରେ ତାଲା



କପ୍ତିପଦା, (ମହାଭାରତ) : ଗ୍ରାମରେ ଅଛି ପାଣି ପମ୍ପ ହାଉସ। ପଡିଛି ପାଣି ପାଇପ। ହେଲେ ଗୋଟିଏ ୱାର୍ଡ କୁ ପାଣି ଯାଉଥିବା ବେଳେ ଅନ୍ୟ ୱାର୍ଡବାସି ପାଣି ବୁନ୍ଦାଏ ପାଉ ନାହାନ୍ତି। ଯାହାକୁ ନେଇ ତାତିଛନ୍ତି ୱାର୍ଡବାସି। କପ୍ତିପଦା ବ୍ଲକ ପେଡାଗଡି ଗ୍ରାମରେ ଥିବା ପାଣି ପମ୍ପ ହାଉସରେ ଗ୍ରାମବାସୀ ପକାଇଛନ୍ତି ତାଲା। ଆଉ ପମ୍ପ ହାଉସ ସମ୍ମୁଖରେ କରିଛନ୍ତି ବିକ୍ଷୋଭ। ଉହ ଉହ ଖରାରେ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ କରିଛନ୍ତି ଏଭଳି ପ୍ରତିବାଦ। ବାରମ୍ବାର ଜନ ପ୍ରତିନିଧି ଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କେହି ନ ଶୁଣିବାରୁ ଶେଷରେ ପାନୀୟ ଜଳ ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ଦାବି ପୂରଣ ନ ହେଲେ ଏବଂ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ପମ୍ପ ହାଉସରେ ତାଲା ଝୁଲି ରହିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ଦଶପଲ୍ଲାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ନିରାଶ ମାଳ ମାଳ କୋଚିଂ ସେଣ୍ଟର ସତ୍ତ୍ୱେ ବି ଏ-୧' ଗ୍ରେଡ୍ ବଞ୍ଚିତ ଛାତ୍ରଛାତ୍ରୀ

ଦଶପଲ୍ଲା,୦୩/୦୫(ମହାଭାରତ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ଦିନ ପ୍ରକାଶ ପାଇଛି। ବଡ଼ କଥା ହେଲା ଦଶପଲ୍ଲାକୁ ଏଥର 'ଏ - ୧' ଗ୍ରେଡ୍ ରେ ନିରାଶ ହେବାକୁ ପଡିଛି। ବ୍ଲକରେ ୨୭ଟି ଉଚ୍ଚ ବିଦ୍ୟାଳୟ ଏବଂ ଗଳି କନ୍ଦିରେ ଛତୁ ଫୁଟିବା ଭଳି ମାଳ ମାଳ କୋଚିଂ ସେଣ୍ଟର ସତ୍ତ୍ୱେ ଜଣେ ହେଲେବି ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ପାଇବାକୁ ସମର୍ଥ ହୋଇନାହାନ୍ତି। ସ୍ମାର୍ଟ କ୍ଲାସରୁମ୍ ?ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନା ସତ୍ତ୍ୱେ ମେଧାବୀ ଛାତ୍ରଛାତ୍ରୀମାନେ କାହିଁକି ଶୀର୍ଷ ଗ୍ରେଡ୍ ପାଇବାରେ ବିଫଳ ହେଲେ, ତାହାକୁ ନେଇ ଶିକ୍ଷାବିତ୍ ତଥା ବୁଦ୍ଧିଜିବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। 'ଶତ ପ୍ରତିଶତ ଗ୍ୟାରେଣ୍ଟି' ଦେଇ ପିଲାଙ୍କୁ ଆକୃଷ୍ଟ କରୁଥିବା ଘରୋଇ ଶିକ୍ଷା ସଂସ୍ଥା ମାନଙ୍କର ଅସଲ ଉଦ୍ଦେଶ୍ୟ ମଧ୍ୟ ଏହି ଫଳାଫଳରୁ ସ୍ପଷ୍ଟ ଜଣାପଡୁଛି। ଏହି ଫଳାଫଳ ପରେ ଦଶପଲ୍ଲାର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# କମର୍ସିଆଲ ଏଲପିଜି ଗ୍ୟାସ ଦର ବୃଦ୍ଧି, ପ୍ରଭାବିତ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଢାବା : ଖାଦ୍ୟର ଦର ଦାମ ସିଧାସଳଖ ହୋଇଛି ବୃଦ୍ଧି

ନୟାଗଡ, (ମହାଭାରତ) : କମର୍ସିଆଲ ଏଲପିଜି ଗ୍ୟାସ ଦର ଦାମ ବୃଦ୍ଧି ପରେ ଏହାର ପ୍ରଭାବ ପଡିଛି ସିଧାସଳଖ ହୋଟେଲ ଏବଂ ରେଷ୍ଟୁରାଣ୍ଟର ବ୍ୟବସାୟ ଙ୍କ ଉପରେ। ୧୯ କେଜି କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟ ଅଚାନକ ୯ ଶହ ୯୩ ଟଙ୍କା ବୃଦ୍ଧି ପାଇ ଏବେ ୩୨ ଶହ ଟଙ୍କାରେ ପହଞ୍ଚିଛି। ଫଳରେ ହୋଟେଲ ଏବଂ ରେଷ୍ଟୁରାଣ୍ଟର ରେ ମିଲ ପ୍ରସ୍ତୁତ କରିବା ଠାରୁ ବିଭିନ୍ନ ଆଇଟମ ଉପରେ ପ୍ରଭାବ ପଡିଛି। ଛୋଟ ହୋଟେଲ ଠାରୁ ଆରମ୍ଭ କରି ଢ଼ାବା ଏବଂ ରେଷ୍ଟୁରାଣ୍ଟ ମାନଙ୍କରେ କମର୍ସିଆଲ ଏଲପିଜି ଗ୍ୟାସ ରେ ରୋଷେଇ କରି ଖାଦ୍ୟ ପ୍ରସ୍ତୁତ କରି ପୂର୍ବ ଦରରେ ଗ୍ରାହକ ମାନଙ୍କୁ ମିଲ୍ ଦେବା ସମ୍ଭବ ନୁହେଁ ବୋଲି ହୋଟେଲ ମାଲିକଙ୍କ ପକ୍ଷରୁ କୁହାଯାଇଛି। ତେଣୁ ସବୁ ଖାଦ୍ୟ ର ମିଲ୍ ପିଛା ୨୦ ରୁ ୫୦ ଟଙ୍କା ବୃଦ୍ଧି କରାଯିବ ବୋଲି ହୋଟେଲ ମାଲିକ ସଙ୍ଘ ପକ୍ଷରୁ କୁହାଯାଇଛି। ନଚେତ ହୋଟେଲ ବ୍ୟବସାୟ ବନ୍ଦ କରିବା ପାଇଁ ପଡିବ ବୋଲି ହୋଟେଲ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ସେପଟେ ଖାଉବି ଏହି କମର୍ସିଆଲ ଏଲପିଜି ଗ୍ୟାସ ର ଦର ଦାମ ବୃଦ୍ଧି କୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଣ ଏହି କମର୍ସିଆଲ ଏଲପିଜି ଗ୍ୟାସ ଦର ଦାମ ବୃଦ୍ଧି ପାଇଁ ହୋଟେଲ ମାନଙ୍କରେ ବୃଦ୍ଧି ହୋଇଥିବା ମିଲ୍ ଦର ଦାମ ସିଧାସଳଖ ଖାଉଟି ଙ୍କ ଉପରେ ପଡିଛି। ହୋଟେଲ ରେ ମିଲ୍ ବା ଅନ୍ୟ ଆଇଟମ ର ଦର ଦାମ ବୃଦ୍ଧି ପାଇଁ ହୋଟେଲ କୁ ଆଉ ଖାଦ୍ୟ ଖାଇବା ପାଇଁ ଗ୍ରାହକ ଆସୁନାହାନ୍ତି।




## ଦୋକାନଗୃହ ଆବଣ୍ଟନରେ ଅନିୟମିତତା ଅଭିଯୋଗ

ପାରଳାଖେମୁଣ୍ଡି, (ମହାଭାରତ) : ୨୦୨୩ ମସିହାରେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ନିକଟ ଆମ୍ବେଦକର ପ୍ରତିମୂର୍ତ୍ତି ପଛପାଖରେ ପୌରପରିଷଦରର ୧୬ଟି ଦୋକାନଗୃହ ଆବଣ୍ଟନ ହୋଇଥିଲା । ତେବେ ଏଥିରେ ଅନିୟମିତତା ଅଭିଯୋଗ ହୋଇଛି। ଦୋକାନଗୃହ ହିତାଧିକାରୀଙ୍କ ଲାଇସେନ୍ସ ରଦ୍ଦ ସହ ନୂତନ ନୂତନ ବିଜ୍ଞପ୍ତି ବାହାର କରି ପୌରପରିଷଦ ଅନ୍ତର୍ଗତ ବାସିନ୍ଦାଙ୍କୁ ବଣ୍ଟନ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୋକାନଗୃହ ଆବଣ୍ଟନ ବେଳେ ସମସ୍ତ ସର୍ତ୍ତର ଉଲଂଘନ କରାଯାଇଛି। ପଞ୍ଚାୟତର ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଦୋକାନଗୃହକୁ ଲଜ୍ ?ରେ ବି ପରିବର୍ତ୍ତନ କରାଯାଇଛି। ଏଣୁ ଏହାର ତଦନ୍ତ ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ବାରଙ୍ଗ ବ୍ଲକ ଶିକ୍ଷାମଣ୍ଡଳର ଦୁଇ ଗୌରବ ପ୍ରତ୍ୟୁଷ ଓ ମନୀଷା





ବାରଙ୍ଗ (ମହାଭାରତ ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଶିକ୍ଷାମଣ୍ଡଳ ଅନ୍ତର୍ଗତ ଜୟନ୍ତୀ ଦେବୀ ବିଦ୍ୟାପୀଠ ଓ ବ୍ରାହ୍ମଣଝରିଲୋ ଉଚ୍ଚ ବିଦ୍ୟାଳୟର ଚଳିତ ୨୦୨୬ ମାଟ୍ରିକ ପରୀକ୍ଷାରେ ଦୁଇଜଣ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜୟନ୍ତୀ ଦେବୀ ବିଦ୍ୟାପୀଠ ର ଛାତ୍ର ପ୍ରତ୍ୟୁଷ କୁମାର ଜେନା ୫୫୪ ନମ୍ବର (ଏ-୧) ଗ୍ରେଡ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟର ମନୀଷା ସାହୁ ୫୪୯ ନମ୍ବର ସହିତ (ଏ -୧) ଗ୍ରେଡ ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଓ ବାରଙ୍ଗ ବ୍ଲକ ଶିକ୍ଷାମଣ୍ଡଳୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି । ପ୍ରତ୍ୟୁଷ କୁମାର ଜେନା ହେଉଛନ୍ତି ବାରଙ୍ଗ ବ୍ଲକର ଖଲର୍ଦ୍ଦା ଗ୍ରାମର ସରୋଜ କୁମାର ଜେନା ଓ ନିବେଦିତା ଜେନାଙ୍କ ପୁତ୍ର ହୋଇଥିବା ବେଳେ ମନିଶା ସାହୁ ହେଉଛନ୍ତି ବ୍ରାହ୍ମଣଝରିଲୋ ଗ୍ରାମର ମନୋରଞ୍ଜନ ସାହୁ ଓ ସରସ୍ୱତୀ ସାହୁ ଙ୍କ କନ୍ୟା । ଜୟନ୍ତୀ ଦେବୀ ବିଦ୍ୟାପୀଠରେ ଚଳିତ ବର୍ଷ ୧୦୦ ପ୍ରତିଶତ ପାସ୍ ହାର ହୋଇ ଥିବାବେଳେ ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟ ୯୭.୨୯ ପାସ୍ ହାର ରହିଛି । ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଚଳିତ ବର୍ଷ ମୋଟ ୧୦୫୯ ଜଣ ପରୀକ୍ଷା ଦେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୦୩୨ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦୁଇଜଣଙ୍କ ଏହି ସଫଳତା ପଛରେ ତାଙ୍କ ପରିବାର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟତ୍ରୀ ତାଙ୍କ ଅଧ୍ୟୟନରେ ସହଯୋଗ କରିଥିବା ଟିୟୁସନ୍ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆଶୀର୍ବାଦ ରହିଥିବା ସେମାନେ କହିଛନ୍ତି। ଭବିଷ୍ୟତରେ ଉଚ୍ଚ ପାଠପଢି ଜଣେ ଲେଖା ଦକ୍ଷ ଇଞ୍ଜିନିଅର ଓ ଡାକ୍ତର ହୋଇ ରାଜ୍ୟ ଓ ନିଜ ଅଞ୍ଚଳର ଉନ୍ନତି କରିବାପାଇଁ ପ୍ରତିଶୃତି ଦେଇଛନ୍ତି ।

## ବୃନ୍ଦାବନ ସୁଆର ସ୍ମୃତି ସଂସଦ ତରଫରୁ ବନ୍ଧୁ ମିଳନ

ପାରଳାଖେମୁଣ୍ଡି, (ମହାଭାରତ) : ବୃନ୍ଦାବନ ସୁଆର ସ୍ମୃତି ସଂସଦ ତରଫରୁ କବିଚନ୍ଦ୍ର ସାହିର କାର୍ଯ୍ୟାଳୟରେ ଆଜି ମେ ତିନି ତାରିଖ ସକାଳ ନ ଟାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସଭାପତି ହରପ୍ରସାଦ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କଲେଜ ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଓ ଅଧାପିକା ଡ. ଭାରତୀ ପାଣିଗ୍ରାହୀ , ପ୍ରଗତି ମହିଳା ସଂଗଠନ ସମ୍ପାଦିକା ତନୁଜା ଶତପଥୀ ଯୋଗ ଦେଇଥିଲେ। ବୃନ୍ଦାବନ ସୁଆରଙ୍କ ଜୀବନୀ ଏବଂ କବିତା ,ପୁସ୍ତକ ବିଷୟ ରେ ଆଲୋଚନା କରାଯାଇଥିଲା ଆଗାମୀ ଦିନ ରେ କେମିତି ଏହି କବିତା ଏବଂ ତାଙ୍କ ଜୀବନୀ କୁ ନେଇ ପ୍ରତ୍ୟେକ ସ୍କୁଲ୍ କଲେଜ୍ ରେ କୁଇଜ୍ ପ୍ରତିଯୋଗିତା ହେବ ସେ ବିଷୟ ରେ ଆଲୋଚନା କରାଯାଇଥିଲା । ବୃନ୍ଦାବନ ସୁଆରଙ୍କ ଆଗାମୀ ଜନ୍ମ ତିଥିରେ ଏକ ସ୍ମରଣିକା ପତ୍ରିକା ଉନ୍ମୋଚନ କରିବା ପାଇଁ ନିଷ୍ପତି ନିଆଗଲା। କାର୍ଯ୍ୟକ୍ରମକୁ ପରିଚାଳନା ରେ ସହଯୋଗ କରିଥିଲେ। ବିଜୟ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା, ସୁରେଶ କୁମାର ପଣ୍ଡା , ଏବଂ ସଭା ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ ।

## ମାଲକାନଗିରି ପୋଲିସକୁ ବଡ଼ ସଫଳତା ଧରାପଡିଲା ୧୦୦ କୋଟିର ହାସିସ୍ ଅଏଲ୍ କାରଖାନା




ମାଲକାନଗିରି, (ମହାଭାରତ) : ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ମାଲକାନଗିରି ଜିଲ୍ଲା ପୋଲିସର ଏକ ବଡ଼ ସଫଳତା। ଚିତ୍ରକୋଣ୍ଡା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ହାସିସ୍ ଅଏଲ୍ ବା ଗଞ୍ଜେଇ ତେଲ ପ୍ରସ୍ତୁତି ୟୁନିଟ୍‌କୁ ପୋଲିସ ଠାବ କରିଛି। ଏହି ଚଢ଼ାଉରେ ପ୍ରାୟ ୧୦୦ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଥିବା ବେଳେ ଏକ ବଡ଼ ରାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ଅଞ୍ଚଳରେ ଏକ ହାସିସ୍ ଅଏଲ୍ ମାନୁଫ୍ୟାକଚରିଂ ୟୁନିଟ୍ ଚାଲିଥିବା ନେଇ ପୋଲିସକୁ ବାରମ୍ବାର ଖବର ମିଳୁଥିଲା। ପୋଲିସର କଡା ନଜର ଓ ଚଢ଼ାଉ ଭୟରେ ଅଭିଯୁକ୍ତମାନେ ଏହି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚେଷ୍ଟା କରୁଥିବା ବେଳେ ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ପୋଲିସ ଚଢ଼ାଉ କରିଥିଲା ।ପ୍ରାୟ ୮୦୦ ଲିଟର ପ୍ରିକର୍ସର କେମିକାଲ୍ ଯାହା ଦ୍ୱାରା ୮୦୦ କେଜି ହାସିସ୍ ଅଏଲ୍ ପ୍ରସ୍ତୁତ ହୋଇପାରିଥାନ୍ତା।୨ କେଜି ପ୍ରସ୍ତୁତ ହାସିସ୍ ଅଏଲ୍ ଓ ୫୦ କେଜି ଗଞ୍ଜେଇ। ଏହା ସହ କମ୍ପ୍ରେସର ମେସିନ୍ ଓ ଅନ୍ୟାନ୍ୟ ପ୍ରସ୍ତୁତି ସାମଗ୍ରୀ। ଜବତ ହୋଇଥିବା ଏହି ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ ବୋଲି ମାଲକାନଗିରି ଏସପି ନିତିନ କୁଶଲକର ସୂଚନା ଦେଇଛନ୍ତି । ବଜାରରେ ଏହାର କେଜି ପ୍ରତି ମୂଲ୍ୟ ପ୍ରାୟ ୧୨.୫ ଲକ୍ଷ ଟଙ୍କା ରହିଛି ।ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏତେ ବଡ଼ ପରିମାଣର ନିଶାଦ୍ରବ୍ୟ ବଜାରକୁ ଯିବାରୁ ଅଟକି ଯାଇଛି। ଆଗକୁ ମଧ୍ୟ ଏହିପରି ଏନଫୋର୍ସମେଣ୍ଟ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ବିକାଶ ନାରେ ବିନାଶକୁ ଆପଣେଇଲେ ସରକାର

କପ୍ତିପଦା, (ମହାଭାରତ ) : ସବୁଠି ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଖରା ଗରମ ଓ ଗୁଳୁଗୁଳି ରେ ସନ୍ତୁଳି ହେଉଛି ମୟୂରଭଞ୍ଜ ଜିଲ୍ଲାର ଉଦଳା ଅଞ୍ଚଳ। ଟକ୍ ମକ୍ ଫୁଟୁଛି ଆଉ ଗମ୍ ଗମ୍ ଝାଳ ବହୁଛି। ଆଉ ସହି ହେଉନି ଖରା। ଉଦଳାରେ ପ୍ରଚଣ୍ଡ ଖରା ପାଇଁ ସମ୍ପୂର୍ଣ୍ଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଦିନ ୧୦ ଟା ପରେ ରାସ୍ତାଘାଟ ସୁନ ଶାନ ହୋଇପଡୁଛି। ତଥାପି ଅନେକ ପେଟ ପାଟଣା ପାଇଁ ଘରୁ ଗୋଡ କାଢୁଛନ୍ତି ଦୋକାନ ବ୍ୟବସାୟୀ। କିଏ ଖରାରେ ପାଲ ଟାଙ୍ଗି ବ୍ୟବସାୟ କରୁଛି ତ ଆଉ କିଏ ଛତା ଫୁଟାଇ ବ୍ୟବସାୟ କରୁଛି। ବିକାଶ ନା ରେ ବିନାଶକୁ ଆପଣାଇଛନ୍ତି ସରକାର ପ୍ରଶାସନ। କାଟି ପକାଇଲେ ହଜାର ହଜାର ଗଛ। ଯାହାକି ପ୍ରକୃତି ଉପହାର ବଦଳରେ ଦେଉଛି ଉତ୍ତାପ। ଲୋକଙ୍କ କହିବା କଥା ରାସ୍ତା ପ୍ରଶସ୍ତିକରଣ ଓ ବାଇପାସ୍ ରୋଡ ପାଇଁ ଉଦଳା ରେ ଥିବା ହଜାର ହଜାର ଗଛକୁ କାଟି ସଫା କରିଦିଆଯାଉଛି। ଫଳରେ ଜିଲ୍ଲାର ତାପମାତ୍ରା ଅଧିକ ବୃଦ୍ଧି ପାଇଛି। ଏ ସବୁ ସତ୍ତ୍ୱେ ଖରାରେ ଛଟ୍ ପଟ୍ ହୋଇ ଦୋକାନ ଖୋଲି ବସିଛନ୍ତି ଛୋଟ ଛୋଟ ବ୍ୟବସାୟୀ। ପ୍ରତିବର୍ଷ ଅପେକ୍ଷା ଚଳିତ ବର୍ଷ ଖରାକୁ ନେଇ ଅଞ୍ଚଳବାସୀ ଏବେ ଚିନ୍ତାରେ।

## ଛୁରୀ ଦେଖାଇ ଲୁଟ୍ ପାଇଁ ଉଦ୍ୟମ, ଯଖପୁରା ଥାନାରେ ଅଭିଯୋଗ




ଦନଗଦୀ, (ମହାଭାରତ) : ଯାଜପୁର ଜିଲ୍ଲାର ଶିଳ୍ପାଞ୍ଚଳ କଳିଙ୍ଗନଗରରେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଚିନ୍ତା ଦେଖାଦେଇଛି। ଗତକାଲି ରାତି ପ୍ରାୟ ୯ଟା ସମୟରେ ଜଖପୁରା ଥାନା ଅନ୍ତର୍ଗତ ମାନତିରା ଗ୍ରାମ ନିକଟରେ ଥିବା ରାଜ ରାସ୍ତାରେ ଏକ ଭୟାବହ ଛିନତାଇ ଚେଷ୍ଟା ଘଟିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ମାନତିରା ଗ୍ରାମର ନିବାସୀ ଶ୍ରୀ ରାକେଶ କୁମାର ଘଡ଼େଇ ନିଜ ଘରକୁ ଫେରୁଥିବା ବେଳେ ୩ ଜଣ ଅଚିହ୍ନା ଯୁବକ ତାଙ୍କୁ ରାସ୍ତା ମଝିରେ ଅଟକାଇଥିଲେ। ଅଭିଯୁକ୍ତମାନେ ଛୁରୀ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ ଓ ଅସଭ୍ୟ ଭାଷାରେ ଗାଳିଗଲୋଜ କରି ମୋବାଇଲ ଫୋନ ଛିନିନେବାକୁ ଚେଷ୍ଟା କରିଥିଲେ।ସେହି ସମୟରେ ବିପରୀତ ଦିଗରୁ ଏକ ବଡ଼ ଗାଡ଼ି ଆସିପହଞ୍ଚିବାରୁ ଅଭିଯୁକ୍ତମାନେ ଭୟଭୀତ ହୋଇ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ଏହା ଫଳରେ ଏକ ବଡ଼ ଅପରାଧ ଟଳିଯାଇଥିବା କୁହାଯାଉଛି ।ଏହି ଘଟଣା କଳିଙ୍ଗନଗର ଭଳି ଏକ ବ୍ୟସ୍ତ ଶିଳ୍ପାଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ଦୁରବସ୍ଥାକୁ ସ୍ପଷ୍ଟ କରୁଛି। ଏଠାରେ ପ୍ରତିଦିନ ଶତାଧିକ ଶ୍ରମିକ ଓ ସାଧାରଣ ଲୋକଙ୍କ ଯାଆସି ଚାଲିଥିବା ବେଳେ ଏପରି ଅପରାଧିକ ଘଟଣା ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଅଞ୍ଚଳରେ ରାତ୍ରି ସୁରକ୍ଷା ବ୍ୟବସ୍ଥା ବହେ ଦୁର୍ବଳ ପୋଲିସ ପେଟ୍ରୋଲିଂ ପ୍ରାୟ ନଥିବା କହିଲେ ସମାନ ପୂର୍ବରୁ ମଧ ଛିନତାଇ ଘଟଣା ଘଟୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ତେଣୁ ସାଧାରଣ ରେ ଦାବି ହେଉଛି କି ତୁରନ୍ତ ମାମଲା ରଜୁ କରି ଦୋଷୀଙ୍କୁ ଗିରଫ କରାଯାଉ ତାହା ସହିତ ରାତ୍ରି ପେଟ୍ରୋଲିଂ ବୃଦ୍ଧି ସିସିଟିଭି ଯାଞ୍ଚ ଓ ଅଭିଯୁକ୍ତଙ୍କ ଚିହ୍ନଟ କରିବା ପାଇଁ ଦାବି ହେଉଥିବା ବେଳେ ଶିଳ୍ପାଞ୍ଚଳରେ ବିଶେଷ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଉଚିତ ଯଦି ଏପରି ଅପରାଧ ଉପରେ ତୁରନ୍ତ କଡା କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ କଳିଙ୍ଗନଗର ଅଞ୍ଚଳରେ ଆଗାମୀ ଦିନରେ ଅପରାଧ ବୃଦ୍ଧି ପାଇପାରେ ବୋଲି ସ୍ଥାନୀୟମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସାଧାରଣ ଲୋକଙ୍କ ଆଇନ-ଶୃଙ୍ଖଳା ପ୍ରତି ଆସ୍ଥା ଅଟୁଟ ରଖିବା ପାଇଁ ପୋଲିସ ପ୍ରଶାସନଙ୍କ ତୁରନ୍ତ ଓ କଡା ପଦକ୍ଷେପ ଅତ୍ୟାବଶ୍ୟକୀୟ ହୋଇପଡ଼ିଛି।

## ଗଣିଆ-କଳାପାଟ ରାସ୍ତା ପାଲଟିଛି ମରଣଯନ୍ତା ପ୍ରଶାସନର ନୀରବ: ଜରୁରୀ ସେବା ପହଞ୍ଚିବା ଅସମ୍ଭବ



ଗଣିଆ, (ମହାଭାରତ): ପ୍ରଶାସନର ଚରମ ଅବହେଳା ଯୋଗୁଁ ଗଣିଆ ବ୍ଲକର ସାତକୋଶିଆ ଅଭୟାରଣ୍ୟକୁ ସଂଯୋଗ କରୁଥିବା ଗଣିଆ ଠାରୁ କଳାପାଟ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଦୀର୍ଘଦିନ ହେଲା ବିପଦସଙ୍କୁଳ ହୋଇପଡ଼ିଛି। ଦୀର୍ଘ ଦିନ ଧରି ରାସ୍ତାଟି ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ହୋଇ ରହିଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନପ୍ରତିନିଧି କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ତିନୋଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ଯାତାୟାତ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ହୋଇଛି ଯେ, ଜରୁରୀକାଳୀନ ସେବା ଯଥା ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବାହିନୀ ଗାଡ଼ି ଉଚିତ ସମୟରେ ଘଟଣାସ୍ଥଳରେ ପହଞ୍ଚିବା କଷ୍ଟକର ହୋଇପଡୁଛି। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀଙ୍କୁ ନେବା ବେଳେ ରାସ୍ତାରେ ଅକଥନୀୟ କଷ୍ଟ ସହିବାକୁ ପଡୁଛି। ଦୁର୍ଘଟଣା ଭୟରେ ଲୋକେ ନିଜ ନିଜର ଗାଡ଼ି ମଧ୍ୟ ଘରୁ ବାହାର କରିବାକୁ ଡରୁଛନ୍ତି। କଳାପାଟ ଓ ଏହାର ପାର୍ଶ୍ୱବର୍ତ୍ତୀ ପ୍ରାୟ ତିନୋଟି ପଞ୍ଚାୟତର ଲୋକେ ନିଜର ଦୈନନ୍ଦିନ ତେଲ, ଲୁଣ ଠାରୁ ଆରମ୍ଭ କରି ସମସ୍ତ ସଉଦା କିଣିବା ପାଇଁ ଗଣିଆ ବଜାର ଉପରେ ହିଁ ନିର୍ଭର କରନ୍ତି। ମାତ୍ର ରାସ୍ତାରେ ସୃଷ୍ଟି ହୋଇଥିବା ପୋଖରୀ ସଦୃଶ ଖାଲ ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ସବୁ ଦେଖି ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଯଦି ଖୁବ୍ ଶୀଘ୍ର ରାସ୍ତା କାମ ଆରମ୍ଭ ନହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଜି ବାହାରିବ ଭାଗ୍ୟଫଳ; ଆଜି ଦିଦିଙ୍କ ଆସନରେ ପୁଣି ହଙ୍ଗାମା

କୋଲକାତା : ପଶ୍ଚିମବଙ୍ଗରେ ଭୋଟ ଗଣନା ପାଇଁ ୨୪ ଘଣ୍ଟାରୁ କମ୍ ସମୟ ବାକି ଥିବା ବେଳେ, ରାଜ୍ୟରେ ପୁଣି ଥରେ ଅଶାନ୍ତି ଦେଖାଦେଇଛି । ଏଥର ମମତା ବାନାର୍ଜୀଙ୍କ ନିଜ ବିଧାନସଭା ନିର୍ବାଚନମଣ୍ଡଳୀ ଭବାନୀପୁରରେ ଉତ୍ତେଜନା ଦେଖାଦେଇଛି । ଅଭିଯୋଗ ଆସିଛି ଯେ ଭାଜପା ପତାକା ରହିଥିବା କାରଗୁଡ଼ିକୁ ଷ୍ଟ୍ରଙ୍ଗ ରୁମ୍ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲା । ଏହି ଘଟଣା ସେହି ଅଞ୍ଚଳର ସଖାବତ ସ୍ମାରକୀ ବାଳିକା ବିଦ୍ୟାଳୟରେ ଘଟିଥିଲା । ଏହାର ଜବାବରେ, ମମତା ବାନାର୍ଜୀ ଚାରି ଘଣ୍ଟା ଧରି ଧାରଣାରେ ବସି ପ୍ରତିବାଦ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ବ୍ୟକ୍ତିମାନେ ପରିସରରେ ଅନଧିକୃତ ପ୍ରବେଶ କରିଛନ୍ତି । ରାଜ୍ୟରେ ଦୁଇ ଦଳ ମଧ୍ୟରେ ଏକ ଭୟଙ୍କର ନିର୍ବାଚନୀ ଲଢ଼େଇ ହେବାର ଆଶା କରାଯାଉଛି, କାରଣ ଉଭୟ ପକ୍ଷ ଷ୍ଟ୍ରଙ୍ଗ ରୁମ୍‌ର ସୁରକ୍ଷା ଉପରେ ସତର୍କ ନଜର ରଖୁଛନ୍ତି । ଜଣେ ଟିଏମସି କର୍ମୀ ଅଭିଯୋଗ କରି କହିଛନ୍ତି ଯେ, ପୋଲିସ ସେମାନଙ୍କର କର୍ତ୍ତବ୍ୟ ସଠିକ୍ ଭାବରେ ପାଳନ କରୁଛି । ସେମାନେ ସାଇକେଲଗୁଡ଼ିକୁ ମଧ୍ୟ ଯାଞ୍ଚ କରୁଥିଲେ । ଠିକ୍ ସେହି ସମୟରେ, ଏକ କାର ଭିତରକୁ ପଶି ଆସିଲା । ଆମେ ଏକ ସେନା ଜିପରେ ଭାଜପା ପତାକା ଦେଖିଲୁ । ଏହାକୁ କୌଣସି ଯାଞ୍ଚ ବିନା ଆଗକୁ ଯିବାକୁ ଅନୁମତି ଦିଆଯାଇଥିଲା । ସେତେବେଳେ ଆମେ ଏକ ଆପତ୍ତି ଉଠାଇଥିଲୁ । ଏହାକୁ କିପରି ବିନା ଯାଞ୍ଚରେ ଭିତରକୁ ପଶିବାକୁ ଅନୁମତି ଦିଆଗଲା ଉତ୍ତର ଦିଅନ୍ତୁ । ମେ ୪ ତାରିଖରେ ଅର୍ଥାତ୍ ସୋମବାର ଦିନ ରାଜ୍ୟର ୨୯୩ଟି ଆସନ ପାଇଁ ଭୋଟ ଗଣତି ହେବ । ଏହା ସହିତ ମତଦାନ ହୋଇଥିବା ରାଜ୍ୟର ଫଳାଫଳ ମଧ୍ୟ ଘୋଷଣା ହେବ । ଭୋଟ ଗଣତି ସକାଳ ୮ଟାରେ ଆରମ୍ଭ ହେବ ।

## ମୁଣ୍ଡନ ସମାରୋହରେ ଗଙ୍ଗାରେ ବୁଡ଼ିଗଲେ ୬

ଲକ୍ଷ୍ନୌ : ରବିବାର ଦିନ ଉତ୍ତର ପ୍ରଦେଶର ବାଲିଆ ଜିଲାରୁ ଏକ ହୃଦୟ ବିଦାରକ ରିପୋର୍ଟ ସାମ୍ନାକୁ ଆସିଛି । ମୁଣ୍ଡନ ପରେ ଗଙ୍ଗା ନଦୀରେ ଗାଧୋଇବା ସମୟରେ ଛଅ ଜଣ ଗଭୀର ପାଣିରେ ଭାସିଗଲେ । ଏହି ଦୁଃଖଦ ଦୁର୍ଘଟଣାରେ ଚାରି ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଦୁଇଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ଘଟଣାର ସୂଚନା ପାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନକୁ ତୁରନ୍ତ ସାହାଯ୍ୟ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଅନୁସାରେ, ଫେଫନା ଥାନା ଅଞ୍ଚଳର କଲ୍ୟାଣୀପୁର ନିବାସୀ ବଶିଷ୍ଠ ଚୌହାନଙ୍କ ପରିବାର ଏକ ମୁଣ୍ଡନ ଉତ୍ସବ ପାଳନ କରୁଥିଲେ । ରବିବାର ସକାଳେ, ସମଗ୍ର ପରିବାର ଏବଂ ସେମାନଙ୍କ ସମ୍ପର୍କୀୟମାନେ ବାଲିଆ ସିଟି କୋତୱାଲି ଥାନା ଅଞ୍ଚଳ ଅନ୍ତର୍ଗତ ଶିବରାମପୁର ଘାଟ (ବ୍ୟାସୀ) ରେ ଏକାଠି ହୋଇଥିଲେ । ପୂଜାର୍ଚ୍ଚନା ମଧ୍ୟରେ, ଲୋକମାନେ ଗଙ୍ଗାରେ ଗାଧୋଉଥିବା ସମୟରେ, ହଠାତ୍ ଚାରି ଜଣ ଝିଅ ଗଭୀର ପାଣିରେ ଫସି ବୁଡ଼ି ଯିବାକୁ ଲାଗିଲେ । ପାଖରେ ଉପସ୍ଥିତ ଦୁଇ ଜଣ ଯୁବକ ସେମାନଙ୍କୁ ବଞ୍ଚାଇବା ପାଇଁ ନଦୀକୁ ଡେଇଁ ପଡ଼ିଲେ । କିନ୍ତୁ, ପ୍ରବଳ ସ୍ରୋତ ଯୋଗୁଁ ସେମାନେ ମଧ୍ୟ ବୁଡ଼ି ଯାଇଥିଲେ । ଘାଟରେ ଉପସ୍ଥିତ ଲୋକମାନେ ତତ୍ପରତା ପ୍ରଦର୍ଶନ କରି ଜଣେ ଯୁବତୀ ଏବଂ ଜଣେ ଯୁବକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ, କିନ୍ତୁ ଅନ୍ୟ ଚାରି ଜଣ ନିଖୋଜ ହୋଇଯାଇଥିଲେ । ସୂଚନା ପାଇବା ପରେ, ସ୍ଥାନୀୟ ପୋଲିସ ଏବଂ ବୁଡ଼ାଳିଙ୍କ ଏକ ଦଳ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । କଠିନ ପରିଶ୍ରମ ପରେ ଏବଂ ଏନଡିଆରଏଫ ଆସିବା ପୂର୍ବରୁ ସ୍ଥାନୀୟ ଲୋକେ ନଦୀରୁ ଚାରିଟି ମୃତଦେହକୁ ଉଦ୍ଧାର କରିଥିଲେ । ମୃତକମାନେ ଗଡୱାର ଥାନା ଅଞ୍ଚଳର ରାମପୁର ଭୋଜ ବାସିନ୍ଦା ।

## ଏସି ବିସ୍ଫୋରଣରେ ୯ ମୃତ

ନୂଆଦିଲ୍ଲୀ : ଦିଲ୍ଲୀର ବିବେକ ବିହାରର ଏକ ଫ୍ଲାଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ୯ଜଣଙ୍କର ମୃତ୍ୟୁ ଘଟିଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଟା ୪୭ ମିନିଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ପରେ ମୃତାହତଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ସୂଚନାନୁଯାୟୀ, ଫ୍ଲାଟର ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ନିଆଁ ତୃତୀୟ ମହଲାକୁ ବ୍ୟାପି ଯାଇଥିଲା । ଲୋକମାନେ ନିଜକୁ ବଞ୍ଚାଇବାକୁ ଫ୍ଲାଟ ଭିତରୁ ବାହାରି ଦୌଡିଥିଲେ । ଏହି ଅଗ୍ନିକାଣ୍ଡ ଏସି ବିସ୍ଫୋରଣ ଯୋଗୁଁ ହୋଇଥିବା ତଦନ୍ତରୁ ଜଣାପଡିଛି । ଅନ୍ୟପଟେ ଘଟଣା ସମ୍ପର୍କରେ ସୂଚନା ପାଇ ୧୪ଟି ଅଗ୍ନିଶମ ବାହିନୀ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କୋଠା ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ୧୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ଅନେକ ଲୋକ କୋଠା ଭିତରେ ଫସି ରହିଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି ।ବର୍ତ୍ତମାନ ମୃତ୍ୟୁ ସଂଖ୍ୟା ୮ ରୁ ୯କୁ ବୃଦ୍ଧି ପାଇଥିବାବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ସଂଖ୍ୟା ଆଗକୁ ବଢିପାରେ ବୋଲି ଆଶଙ୍କା ରହିଛି ।

## ଯଦି ଆବଶ୍ୟକ ହୁଏ ମୁଁ ପୁଣି ଥରେ ଆକ୍ରମଣ କରିବି

ୱାସିଂଟନ : ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାର ପ୍ରାୟ ଗୋଟିଏ ମାସ ବିତିଗଲାଣି । ତେବେ ଦୁଇ ଦେଶ ଏପର୍ଯ୍ୟନ୍ତ ଏକ ସ୍ଥାୟୀ ଚୁକ୍ତି ଉପରେ ସହମତ ହୋଇପାରି ନାହାନ୍ତି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ସେ ଇରାନର ନୂତନ ପ୍ରସ୍ତାବ ସମୀକ୍ଷା କରୁଛନ୍ତି । କିନ୍ତୁ ଏହା ଗ୍ରହଣ କରାଯିବ କି ନାହିଁ ସେ ବିଷୟରେ ସନ୍ଦେହ ପ୍ରକାଶ କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି, ଇରାନ ଏପର୍ଯ୍ୟନ୍ତ ପୂର୍ବ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଦଣ୍ଡ ପାଇନାହିଁ । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ମୁଁ ଇରାନ ସରକାର ଆମକୁ ପଠାଇଥିବା ପ୍ରସ୍ତାବର ଶୀଘ୍ର ସମୀକ୍ଷା କରିବି, କିନ୍ତୁ ମୁଁ ବିଶ୍ୱାସ କରେ ନାହିଁ ଯେ ଏହା ମଞ୍ଜୁର ହେବ, କାରଣ ଇରାନ ଗତ ୪୭ ବର୍ଷ ଧରି ମାନବଜାତି ଏବଂ ବିଶ୍ୱ ପ୍ରତି ଯାହା କରିଛି ତାହାର ଦଣ୍ଡ ଭୋଗୀ ନାହିଁ । ଦଣ୍ଡ ଏପର୍ଯ୍ୟନ୍ତ ଶୁଣାଯାଇ ନାହିଁ । ଏହି ସମୟରେ, ଇରାନର ତସନିମ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଇରାନର ୧୪-ସୂତ୍ରୀ ପ୍ରସ୍ତାବରେ ତେହେରାନ ଏବଂ ଲେବାନନ ସହିତ ଜଡିତ ଉତ୍ତେଜନା ସମେତ ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ବ୍ୟାପକ ଢାଞ୍ଚା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏହି ପ୍ରସ୍ତାବରେ ଏକ ଅସ୍ଥାୟୀ ଅସ୍ତ୍ରବିରତିକୁ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ୩୦ ଦିନ ମଧ୍ୟରେ ଏକ ସ୍ଥାୟୀ ସମାଧାନ ପାଇଁ ଆହ୍ୱାନ ଦିଆଯାଇଛି । ଇରାନର ପ୍ରସ୍ତାବରେ ପୂର୍ବର ଦୀର୍ଘକାଳୀନ ଦାବିର ପୁନରାବୃତ୍ତି କରାଯାଇଛି । ଏଥିରେ ଯୁଦ୍ଧ ଶେଷ ତଥା ଭବିଷ୍ୟତରେ ଆକ୍ରମଣକୁ ରୋକିବା ପାଇଁ ସୁରକ୍ଷା ଗ୍ୟାରେଣ୍ଟି, ଏହି ଅଞ୍ଚଳରୁ ଆମେରିକୀୟ ସୈନ୍ୟଙ୍କୁ ତୁରନ୍ତ ପ୍ରତ୍ୟାହାର କରିବା ଏବଂ ହର୍ମୁଜ୍ ପ୍ରଣାଳୀରେ ନୌସେନା ପ୍ରତିବନ୍ଧକ ଏବଂ ଅବରୋଧ ଉଠାଇବା,ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ହୋଇଥିବା କ୍ଷତି ପାଇଁ ଜମା ହୋଇଥିବା ପାଣ୍ଠି ଏବଂ କ୍ଷତିପୂରଣ ମଧ୍ୟ ଦାବି କରିଛି । ପ୍ରସ୍ତାବରେ ସମସ୍ତ ଆମେରିକା ଏବଂ ଆନ୍ତର୍ଜାତୀୟ ଆର୍ଥିକ କଟକଣା ପ୍ରତ୍ୟାହାର କରିବାକୁ କୁହାଯାଇଛି ।

# ଇରାନ ଯୁଦ୍ଧ ଯୋଗୁ ଆମେରିକାର ଦୁର୍ବଳତା ଜାଣିଲେ ଚୀନ୍, ରୁଷ ଏବଂ ଉତ୍ତର କୋରିଆ

ୱାସିଂଟନ: ଇରାନ ସହିତ ଚାଲିଥିବା ଯୁଦ୍ଧ ଆମେରିକାର ପ୍ରତିପକ୍ଷ ଚୀନ୍, ରୁଷ ଏବଂ ଉତ୍ତର କୋରିଆ ପାଇଁ ଏକ ପ୍ରମୁଖ ସୁଯୋଗ ସୃଷ୍ଟି କରିଛି । ଏହି ଦେଶଗୁଡ଼ିକ ଏବେ କେବଳ କାଗଜପତ୍ରରେ ନୁହେଁ, ବରଂ ପ୍ରକୃତ ଯୁଦ୍ଧକ୍ଷେତ୍ରରେ ଆମେରିକାର ସାମରିକ ଶକ୍ତିକୁ ବୁଝିପାରୁଛନ୍ତି । ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଏହି ଦେଶଗୁଡ଼ିକୁ ପ୍ରଥମ ଥର ପାଇଁ ଆମେରିକାର ନୂତନ ଅସ୍ତ୍ରଶସ୍ତ୍ର ଏବଂ ରଣନୀତିକୁ ନିକଟରୁ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ଦେଇଛି । ରିପୋର୍ଟରେ କୁହାଯାଇଛି ଯେ,ଚୀନ୍, ରୁଷ ଏବଂ ଉତ୍ତର କୋରିଆ ପ୍ରଥମ ଥର ପାଇଁ ଏତେ ବଡ଼ ପରିମାଣରେ ଆମେରିକାର ଉନ୍ନତ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦେଖିଛନ୍ତି । ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ରେ ସଜ୍ଜିତ ହାଇ-ସ୍ପିଡ୍ ପ୍ରିସିସନ୍ ଏୟାରଷ୍ଟ୍ରାଇକ୍ ଅନ୍ତର୍ଭୁକ୍ତ । ଯାହାକୁ ଅତ୍ୟନ୍ତ ସଠିକ୍ ଏବଂ ଦ୍ରୁତ ବୋଲି ବିବେଚନା କରାଯାଉଛି । ଯୁଦ୍ଧକ୍ଷେତ୍ରରେ ଏହି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଆମେରିକାର ତିନି ପ୍ରତିପକ୍ଷଙ୍କ ପାଇଁ ଏକ ପ୍ରକାର ରିୟଲ ଟାଇମ୍ ଡାଟା ପାଲଟିଛି ।

ଆମେରିକାର ଶକ୍ତି ପ୍ରଦର୍ଶନ କରାଯାଉଥିଲା ବେଳେ, କିଛି ଦୁର୍ବଳତା ମଧ୍ୟ ପ୍ରକାଶ ପାଇଥିଲା । ରିପୋର୍ଟ ଅନୁଯାୟୀ, ଆମେରିକା ଏହି ଯୁଦ୍ଧରେ ଦ୍ରୁତ ଗତିରେ ଦୂରଗାମୀ ଟୋମହକ୍ କ୍ଷେପଣାସ୍ତ୍ର ଏବଂ ପାଟ୍ରିଅଟ୍ ଇଣ୍ଟରସେପ୍ଟର ଭଳି ପ୍ରମୁଖ ଅସ୍ତ୍ରଶସ୍ତ୍ର ହ୍ରାସ କରିଥିଲା । ଏହା ଏକ ଦୀର୍ଘ ଯୁଦ୍ଧରେ ଆମେରିକାର ଅସ୍ତ୍ରଶସ୍ତ୍ର ବଜାୟ ରଖିବାର ଚ୍ୟାଲେଞ୍ଜକୁ ଦର୍ଶାଉଛି । ଚୀନ୍ ସାଟେଲାଇଟ୍ କମ୍ପାନିଗୁଡ଼ିକ ନିରନ୍ତର ଆମେରିକାର କାର୍ଯ୍ୟକଳାପ ଉପରେ ନଜର ରଖୁଥିଲେ । ଏହି ସମୟରେ, ଆମେରିକା ଏହାର ସାଟେଲାଇଟ୍ କମ୍ପାନିଗୁଡ଼ିକୁ ମଧ୍ୟପ୍ରାଚ୍ୟରେ ଆମେରିକୀୟ ସାମରିକ ଘାଟିର କ୍ଷତିର ଚିତ୍ର ଉତ୍ତୋଳନ କରିବାରୁ ବାରଣ କରିଥିଲା । ଆମେରିକୀୟ ସାମ୍ବାଦିକ ଆନା କାସପାରିଆନ୍ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି । ରିପୋର୍ଟରେ



ଏହା ମଧ୍ୟ କୁହାଯାଇଛି ଯେ, ଇରାନର କମ୍ ମୂଲ୍ୟର ଡ୍ରୋନ୍‌ଗୁଡ଼ିକ ଆମେରିକା ଏବଂ ଉପସାଗରରେ ଏହାର ସହଯୋଗୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ଭାବରେ ଉଭା ହୋଇଛି । ଏହି କମ୍ ମୂଲ୍ୟର ଡ୍ରୋନ୍‌ଗୁଡ଼ିକ ଦର୍ଶାଉଛି ଯେ, ଆମେରିକା ପାଖରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଅସ୍ତ୍ରଶସ୍ତ୍ର ଥିଲେ ମଧ୍ୟ ଏହି ଶସ୍ତା ଡ୍ରୋନ୍ ?ଗୁଡିକ ସେସବୁ ଉପରେ ପ୍ରଭାବ ପକାଇପାରିବ । ରିପୋର୍ଟ ଅନୁଯାୟୀ, ଇରାନର ଅନେକ ଅସ୍ତ୍ରଶସ୍ତ୍ର ଚୀନ୍ ଏବଂ ରୁଷିଆନ୍ ପ୍ରଯୁକ୍ତିବିଦ୍ୟା କିମ୍ବା ଉପାଦାନ ବ୍ୟବହାର କରିଥାଏ । ତେଣୁ, ଚୀନ୍ ବିଶେଷ ଭାବରେ ନଜର ରଖିଛି ଯେ, ଇରାନ କିପରି ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରୁଛି ଏବଂ ଏହାର ରଣନୀତି କେତେ ପ୍ରଭାବଶାଳୀ ହୋଇଛି । ଏହି ସୂଚନା ଚୀନ୍‌ର ଭବିଷ୍ୟତ ସାମରିକ ଯୋଜନା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରେ ।

ଏହି ଯୁଦ୍ଧ ରୁଷ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ମସ୍କୋ ପୂର୍ବରୁ ୟୁକ୍ରେନରେ ଆମେରିକୀୟ ଅସ୍ତ୍ରଶସ୍ତ୍ରର ସମ୍ମୁଖୀନ ହେଉଛି । ଏହି ଯୁଦ୍ଧ ରୁଷକୁ ବୁଝିବାରେ ସାହାଯ୍ୟ କରୁଛି ଯେ, ଆମେରିକୀୟ ଅସ୍ତ୍ରଶସ୍ତ୍ର ଇରାନୀ ପ୍ରଯୁକ୍ତିବିଦ୍ୟା ବିରୋଧରେ କିପରି କାର୍ଯ୍ୟ କରୁଛି । ଏହି ଯୁଦ୍ଧର ଶିକ୍ଷା ନେଟୋ ଦେଶଗୁଡ଼ିକ ସହିତ ଭବିଷ୍ୟତର ସମ୍ଭାବ୍ୟ ସଂଘର୍ଷରେ ମଧ୍ୟ ଉପଯୋଗୀ ହୋଇପାରେ । ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଯୁଦ୍ଧ କେବଳ ଆମେରିକା ଏବଂ ଇରାନ ପର୍ଯ୍ୟନ୍ତ ସୀମିତ ନୁହେଁ । ପ୍ରକୃତରେ, ଏହା ଏକ 'ଜୀବନ୍ତ ପରୀକ୍ଷଣ ଭୂମି' ପାଲଟିଛି ଯେଉଁଠାରେ ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକ ପରସ୍ପରର କ୍ଷମତାକୁ ବୁଝିବାକୁ ଉଦ୍ୟମ କରୁଛନ୍ତି ।

## ବାୟୁସେନାର ଦୁଃସାହସିକ ରେସକ୍ୟୁ, ପାଣି ଟାଙ୍କି ଉପରୁ ଉଦ୍ଧାର ହେଲେ ୨ ଜଣ

ଉତ୍ତରପ୍ରଦେଶ : ବାୟୁସେନାର ଦୁଃସାହସିକ ରେସକ୍ୟୁ । ପାଣି ଟାଙ୍କି ଉପରୁ ୨ ଜଣଙ୍କୁ ବଞ୍ଚାଇଲା ବାୟୁସେନା । ପାଣି ଟାଙ୍କି ଉପରେ ଫସିଥିବା ଦୁଇଜଣ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ବାୟୁସେନାର ଏମଆଇ-୧୭ ଭି ୫ ହେଲିକପ୍ଟର । କେବଳ ଦେଶର ଆକାଶମାର୍ଗକୁ ସୁରକ୍ଷା ଦିଏନାହିଁ, ବରଂ ବିପତ୍ତି ସମୟରେ ସାଧାରଣ ଜନତାଙ୍କ ପାଇଁ ଦେବଦୂତ ସାଜିଥାଏ ଭାରତୀୟ ବାୟୁସେନା । ଯାହା ଏବେ ପ୍ରମାଣିତ ହୋଇଛି ।



ସୂଚନାନୁଯାୟୀ, ନିକଟରେ ଗୋରଖପୁରର ସିଦ୍ଧାର୍ଥ ନଗରରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଦୁଇଜଣଙ୍କୁ ଖେଳୁ ଖେଳୁ ଏକ ବିଶାଳ ପାଣି ଟାଙ୍କି ଉପରକୁ ଚଢ଼ି ଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ, ଟାଙ୍କିର ସିଡ଼ିଟି ଭାଙ୍ଗି ଯାଇଥିବାରୁ ସେମାନେ ତଳକୁ ଓହ୍ଲାଇ ପାରିନଥିଲେ । ରାତିର ଅନ୍ଧାର ବଢ଼ିବା ସହ ଶିଶୁ ଦୁଇଟିଙ୍କ ଜୀବନ ପ୍ରତି ବିପଦ ମଧ୍ୟ ବଢ଼ିବାରେ ଲାଗିଥିଲା । ସ୍ଥାନୀୟ ପ୍ରଶାସନ ସମସ୍ତ ଚେଷ୍ଟା କରି ବିଫଳ ହେବା ପରେ ଉତ୍ତରପ୍ରଦେଶ ସରକାର ବାୟୁସେନାର ସହାୟତା ଲୋଡ଼ିଥିଲେ । ଖବର ପାଇ ଏମଆଇ-୧୭ ଭି ୫ ହେଲିକପ୍ଟରକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା । ଅନ୍ଧାର ଏବଂ ସୀମିତ ସ୍ଥାନରେ ହେଲିକପ୍ଟରକୁ ନିୟନ୍ତ୍ରଣ କରି ପିଲାଙ୍କୁ ଉଦ୍ଧାର କରିବା ଏକ ବଡ଼ ଆହ୍ୱାନ ଥିଲା । ତଥାପି, ବାୟୁସେନାର ଦକ୍ଷ ପାଇଲଟ୍ ଏବଂ କ୍ରୁ ସଦସ୍ୟମାନେ ଅତ୍ୟନ୍ତ ସାହସିକତାର ସହ ମିଶନଟିକୁ ପରିଚାଳନା କରି ଦୁଇ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏମଆଇ-୧୭ ଭି ୫ ହେଲିକପ୍ଟରର ବ୍ୟବହାର କରି ପିଲାମାନଙ୍କୁ କୌଣସି ଆଘାତ ଲାଗିନଥିଲା । ବିପଦ ସଙ୍କେତ ମିଳିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ବାୟୁସେନା କାର୍ଯ୍ୟକ୍ଷମ ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ଏହିଭଳି ଜରୁରୀକାଳୀନ ପରିସ୍ଥିତି, ବାୟୁସେନା ସର୍ବଦା "ଏଡ ଟୁ ସିଭିଲି ଅଥୋରୋଟି" ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଏହି ସଫଳ ଉଦ୍ଧାର କାର୍ଯ୍ୟ ପାଇଁ ସାରା ଦେଶରୁ ବାୟୁସେନାକୁ ପ୍ରଶଂସାର ସୁଅ ଛୁଟିଛି ।

## ହର୍ମୁଜ୍ ଅବରୋଧ: ୧୪ ବର୍ଷ ପରେ ସିରିଆ ଦେଇ ତୈଳ ରପ୍ତାନି ପୁଣି ଆରମ୍ଭ କଲା ଇରାକ

ବାଗଦାଦ୍: ଇରାକ ସିରିଆର ଅଲ୍-ୟାରୁବିଆହ ସୀମା କ୍ରସିଂ ଦେଇ ତୈଳ ରପ୍ତାନି ପୁଣି ଆରମ୍ଭ କରିଛି । ଏହି ରାସ୍ତା ଦେଇ ୭୦ ଟ୍ୟାଙ୍କର ସିରିଆରେ ପ୍ରବେଶ କରିଛି । ୧୪ ବର୍ଷ ମଧ୍ୟରେ ଏହି ରାସ୍ତା ଦେଇ ଇରାକ ପ୍ରଥମ ଥର ତେ ?ଳ ପଠାଇଛି । ସିରିଆର ସରକାରୀ ସମାଚାର ଏଜେନ୍ସି ସାନା ଅନୁଯାୟୀ, ଟ୍ୟାଙ୍କରଗୁଡ଼ିକ ଭୂମଧ୍ୟସାଗର ଉପକୂଳରେ ଥିବା ବାନିଆସ୍ ରିଫାଇନାରୀ ଅଭିମୁଖେ ଯାତ୍ରା କରିଛନ୍ତି । ଅଲ୍-ୟାରୁବିଆହ କ୍ରସିଂରେ ନିୟୋଜିତ ସିରିଆର ଅଧିକାରୀମାନେ କହିଛନ୍ତି, ୧୪ ବର୍ଷ ପରେ ଏହି କ୍ରସିଂକୁ ପୁଣି ଖୋଲିବା ଇରାକ ଏବଂ ସିରିଆ ମଧ୍ୟରେ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ । ଏହା ବାଣିଜ୍ୟ ଏବଂ ଶକ୍ତି ଯୋଗାଣକୁ ଅଧିକ ପ୍ରଭାବଶାଳୀ କରିବ ଏବଂ ଦୁଇ ଦେଶ ମଧ୍ୟରେ ଏକ ଦୀର୍ଘକାଳୀନ ସହଭାଗୀତା ବିକଶିତ କରିବ । ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ଇରାକ ଏହାର ତୈଳ ରପ୍ତାନି ପାଇଁ ବିକଳ୍ପ ପଥ ଖୋଜୁଛି, କାରଣ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଯୋଗୁଁ ହର୍ମୁଜ୍ ପ୍ରଣାଳୀ ବନ୍ଦ ରହିଛି ।

ଇରାକରେ ରାବିଆ ନାମରେ ପରିଚିତ ଏହି ସୀମା କ୍ରସିଂ ୨୦୧୧ ମସିହାରେ ସିରିଆ ଗୃହଯୁଦ୍ଧ ଆରମ୍ଭ ହେବା ପରେ ବନ୍ଦ ହୋଇଯାଇଥିଲା । ପରେ ୨୦୧୪ ମସିହାରେ ଏହାକୁ ହିଂସାତ୍ମକ ସଲାଫି ଜିହାଦୀ ଆତଙ୍କବାଦୀ ଗୋଷ୍ଠୀ ଇରାକ ଏବଂ ଲେଭାଣ୍ଟର ଇସଲାମିକ୍ ଷ୍ଟେଟ୍ (ଆଇଏସ୍ ?ଆଇଏଲ୍) ଦ୍ୱାରା କବଜା କରାଯାଇଥିଲା, କିନ୍ତୁ ଇରାକୀ କୁର୍ଦ୍ଦିଶ ସେନା ଏହାକୁ ପୁନର୍ବାର ଦଖଲ କରିଥିଲା । ଏହି ସମୟରେ, ସିରିଆନ୍ ପେଟ୍ରୋଲିୟମ୍ କମ୍ପାନି ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଘୋଷଣା କରିଛି ଯେ, ଏହା କାର୍ଯ୍ୟକ୍ଷମତା ବୃଦ୍ଧି କରିଛି । ସେମାନଙ୍କ ଅନୁସାରେ, ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବାନିଆସ୍ ରିଫାଇନାରୀରେ ବୈଷୟିକ ଏବଂ ଇଞ୍ଜିନିୟରିଂ କାର୍ଯ୍ୟ ପରେ, ବର୍ତ୍ତମାନ ପ୍ରତିଦିନ ପ୍ରାୟ ୫୦୦ ଇରାକୀ ଟ୍ୟାଙ୍କର୍ ଖାଲି କରାଯାଉଛି । ଏହା ଦ୍ୱାରା ବିଶୋଧନାଗାରର କାର୍ଯ୍ୟକ୍ଷମ କ୍ଷମତା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି ।

## ଭାରତର ଚିକେନ୍ ନେକ୍ ପାଖରେ ବାଂଲାଦେଶର ବାୟୁ ପ୍ରତିରକ୍ଷା ମୁତୟନ

ଢାକା: ବାଂଲାଦେଶ ସେନା ବିମାନ ଚଳାଚଳ ଗୋଷ୍ଠୀ ଭାରତର ଚିକେନ୍ ନେକ୍ ନିକଟରେ ଥିବା ଲାଲମୋନିରହାଟ୍ ବାୟୁସେନା ଘାଟିରେ ଏକ ବାୟୁ ପ୍ରତିରକ୍ଷା ଏବଂ ରାଡାର ପ୍ରଣାଳୀ ସ୍ଥାପନ କରୁଛି । ମହମ୍ମଦ ୟୁନୁସଙ୍କ କାର୍ଯ୍ୟକାଳ ସମୟରେ ଆରମ୍ଭ ହୋଇଥିବା ଏହି ଘାଟିରେ ଏକ ବିଶାଳ ହ୍ୟାଙ୍ଗର କାର୍ଯ୍ୟ ଗତ ବର୍ଷ ଶେଷ ହୋଇଥିଲା । ରିପୋର୍ଟ ଅନୁଯାୟୀ, ବାୟୁସେନା ଘାଟିର ସୁରକ୍ଷା ଯଥେଷ୍ଟ ବୃଦ୍ଧି କରାଯାଇଛି । ବାୟୁସେନା ଘାଟି ବାଂଲାଦେଶ-ଭାରତ ସୀମାରୁ ୨୦ କିଲୋମିଟରରୁ କମ୍ ଦୂରରେ ଅବସ୍ଥିତ, ଯାହା ପଶ୍ଚିମବଙ୍ଗର କୁଚ ବିହାର ଜିଲ୍ଲା ସଂଲଗ୍ନ । ସମ୍ବେଦନଶୀଳ ପ୍ରତିରକ୍ଷା ଉପକରଣ ନିୟୋଜିତ ହେବା ଦୃଷ୍ଟିରୁ ଏହି ସୁରକ୍ଷା ପଦକ୍ଷେପ ନିଆଯାଇଥିବା କୁହାଯାଉଛି । ଏହି ହ୍ୟାଙ୍ଗରଟି ରଙ୍ଗପୁର ଡିଭିଜନର ଲାଲମୋନିରହାଟ୍, ମହେନ୍ଦ୍ରନଗର ୟୁନିଅନର ହରିଭଙ୍ଗା ଗ୍ରାମରେ ଅବସ୍ଥିତ । ବାୟୁସେନା ଘାଟି ୧,୧୬୬ ଏକର ପରିମିତ ଏବଂ ଏହାର ୪ କିଲୋମିଟର ଲମ୍ବା ରନୱେ ଅଛି । ମୂଳତଃ ୧୯୩୧ ମସିହାରେ ନିର୍ମିତ ଏହି ଘାଟି ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ କିଛି ଦଶନ୍ଧି ପର୍ଯ୍ୟନ୍ତ ପରିତ୍ୟକ୍ତ ଭାବେ ରହିଥିଲା । ତେବେ ଏହି ବାୟୁସେନା ଘାଟି ୧୯୭୧ ଯୁଦ୍ଧରେ ପାକିସ୍ତାନୀ ସୈନିକମାନଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲା ।





ନର୍ଥଇଷ୍ଟ ନ୍ୟୁଜ୍ ଗତ ବର୍ଷ ନଭେମ୍ବରରେ ବାଂଲାଦେଶ ସେନା ବିମାନ ଚଳାଚଳ ଗୋଷ୍ଠୀର ବାୟୁ ପ୍ରତିରକ୍ଷା ଏବଂ ରାଡାର ପ୍ରଣାଳୀ ସ୍ଥାପନ ଯୋଜନା ବିଷୟରେ ରିପୋର୍ଟ କରିଥିଲା । ସେହି ସମୟରେ, ନୂତନ ରାଡାର ପ୍ରଣାଳୀର ଉପାଦାନଗୁଡ଼ିକୁ ଟ୍ରକ୍ ଦ୍ୱାରା ଏୟାରବେସକୁ ପରିବହନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟ ମହମ୍ମଦ ୟୁନୁସଙ୍କ କାର୍ଯ୍ୟକାଳ ସମୟରେ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ରାଡାର ପ୍ରଣାଳୀ ସ୍ଥାପନ ପାଇଁ ଏକ କଂକ୍ରିଟ୍ ପ୍ଲାଟଫର୍ମ ଏବଂ ଏକ ଅନୁରୂପ କୋଠା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହା ବାୟୁସେନାରେ ପୁରୁଣା ପ୍ରଣାଳୀକୁ ବଦଳାଇବ ବୋଲି ସରକାର କହିଥିଲେ । ଭାରତୀୟ ସାମରିକ ବିଭାଗ ବାୟୁ ପ୍ରତିରକ୍ଷା ଏବଂ ରାଡାର ସ୍ଥାପନ ପ୍ରକ୍ରିୟା ବିଷୟରେ ପୂର୍ବରୁ ଅବଗତ ଅଛନ୍ତି । ସେମାନେ ବାଂଲାଦେଶ ବାୟୁସେନାର ବୋଗୁରା ଏୟାରବେସର ଉନ୍ନତି ବିଷୟରେ ଚିନ୍ତା ପ୍ରକାଶ କରିଥିଲେ, ଯେଉଁଠାରେ ବାୟୁ ପ୍ରତିରକ୍ଷା ଏବଂ ରାଡାର ପ୍ରଣାଳୀ ସ୍ଥାପନ ପାଇଁ କାମ ଚାଲିଛି । ଏହା ଆମେରିକୀୟ ସହାୟତାରେ କରାଯାଉଛି । ରାଡାର ପ୍ରଣାଳୀ ସ୍ଥାପନ ଦ୍ୱାରା ବାଂଲାଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଭାରତୀୟ ବାୟୁସେନା କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବ ।

ଏକ ସାମରିକ-ଗ୍ରେଡ୍ ରାଡାର ସିଷ୍ଟମର ମୁଖ୍ୟ ଉପାଦାନଗୁଡ଼ିକ ହେଉଛି ଏକ ଟ୍ରାନ୍ସମିଟର, ଏକ ଆଣ୍ଟେନା, ଏକ ରିସିଭର ଏବଂ ଏକ ପ୍ରୋସେସର, ସହିତ ଅନ୍ୟାନ୍ୟ ଜରୁରୀ ଉପାଦାନ ଯେପରିକି ଏକ କମାଣ୍ଡ-ଏଣ୍ଡ-କଣ୍ଟ୍ରୋଲ ସେଣ୍ଟର, ଏକ ଟ୍ରାକିଂ ସିଷ୍ଟମ ଏବଂ ଏକ ଅସ୍ତ୍ର ପ୍ରକ୍ଷେପଣ ସିଷ୍ଟମ । ଭାରତୀୟ ଅଧିକାରୀମାନେ ହାଙ୍ଗର ନିର୍ମାଣ କିମ୍ବା ବାୟୁ ପ୍ରତିରକ୍ଷା ଏବଂ ରାଡାର ସିଷ୍ଟମ ସ୍ଥାପନ ବିଷୟରେ ସାର୍ବଜନୀନ ଭାବରେ ମତାମତ ଦେଇନାହାନ୍ତି । ତେବେ ଏହା ଦେଖାଯାଉଛି ଯେ, ବାଂଲାଦେଶ ସେନା ଲାଲମୋନିରହାଟ ଏୟାରଫିଲ୍ଡକୁ ସୈନ୍ୟ ଉଦ୍ଦେଶ୍ୟ ପାଇଁ ବ୍ୟବହାର ନ କରିବାର ନିଜ ପ୍ରତିଶ୍ରୁତିର ଉଲ୍ଲଂଘନ କରୁଛି । ଏହି ପ୍ରତିଶ୍ରୁତି ସେତେବେଳର ବ୍ରିଗେଡିୟର ଜେନେରାଲ ନାଜିମ-ଉଦ୍-ଦୌଲା ୨୬ ମେ' ୨୦୨୫ରେ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିଲେ । ଭାରତର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ, କୀର୍ତ୍ତି ବର୍ଦ୍ଧନ ସିଂହ, ୮ ଅଗଷ୍ଟ ୨୦୨୫ରେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ଭାରତ ସରକାର ବାଂଲାଦେଶର ଲାଲମୋନିରହାଟ୍ ଏୟାରବେସ୍ ସମ୍ପର୍କିତ ରିପୋର୍ଟ ଉପରେ ଗୁରୁତ୍ୱାରୋପ କରୁଛନ୍ତି ।

ବାଂଲାଦେଶ ଗତ ବର୍ଷ ଅକ୍ଟୋବରରେ ଏୟାରବେସରେ ହ୍ୟାଙ୍ଗର ନିର୍ମାଣ ଆରମ୍ଭ କରିଥିଲା । ଏୟାରବେସଟି ଉତ୍ତର ବଙ୍ଗଳାରେ ଭାରତର ସମ୍ବେଦନଶୀଳ 'ଚିକେନ ନେକ୍' ସିଲିଗୁଡି କରିଡର ନିକଟରେ ଅବସ୍ଥିତ । ଗତ ବର୍ଷ ଅକ୍ଟୋବର ୧୬ ତାରିଖରେ, ମେଜର ଜେନେରାଲ କୁନ୍ଦନ କୁମାର ସିଂହଙ୍କ ନେତୃତ୍ୱରେ ଭାରତୀୟ ସାମରିକ ଗୁଇନ୍ଦା ଅଧିକାରୀଙ୍କ ଏକ ତିନି ଜଣିଆ ଦଳ ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକାର-ଉଜ-ଜମାନଙ୍କ ସହିତ ଲାଲମୋନିରହାଟ୍ ଏୟାରବେସ ଏବଂ ନିକଟସ୍ଥ ଠାକୁରଗାଁ ଏୟାରଫିଲ୍ଡ ପରିଦର୍ଶନ କରିଥିଲେ । ଏହା ବ୍ୟତୀତ, ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ବାଂଲାଦେଶର ସାମରିକ ଭୂମି ଛାଉଣୀ ବିଭାଗ ୨୬ ଜୁନ୍ ୨୦୨୫ରେ ଶିବଗଞ୍ଜର ଠାକୁରଗାଁ ଏୟାରଫିଲ୍ଡରେ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରିଥିଲା ।

# ସୁବ୍ରତ ନକ୍ ଆଉଟ୍‌ରୁ ବଞ୍ଚିତ

## ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡସ




ଭୁବନେଶ୍ୱର,୩।୫: ରାଜ୍ୟର ଅଗ୍ରଣୀ କ୍ୟୁସ୍ପୋର୍ଟ ଖେଳାଳି ସୁବ୍ରତ ଦାସ ଆୟର୍ଲାଣ୍ଡରେ ଚାଲିଥିବା ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡସ ପ୍ରତିଯୋଗିତାରେ ପଦାର୍ପଣ କରି ମିଶ୍ରିତ ଫଳ ସହ ଅଭିଯାନ ଶେଷ କରିଛନ୍ତି। ଲିଗ୍ ପର୍ଯ୍ୟାୟରେ ସୁବ୍ରତ ଖେଳିଥିବା ୩ ମ୍ୟାଚ୍‌ରୁ ଗୋଟିଏ ଜିତି ଅନ୍ୟ ଦୁଇଟିରେ ହାରିଯିବାରୁ ନକ୍‌ଆଉଟ୍‌ରୁ ବଞ୍ଚିତ ହୋଇଛନ୍ତି। ଆୟର୍ଲାଣ୍ଡ୍‌ର ସିଆରାନ୍ ଡୋଲେଙ୍କୁ ୫୪୦-୧୩୬ରେ ପରାସ୍ତ କରି ବିଶ୍ୱ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ଖ୍ୟାତନାମା ଖେଳାଳି ଇଂଲଣ୍ଡର ଡେଭିଡ୍ କ୍ୟୁଜିୟର୍‌ଙ୍କଠାରୁ ୧୪୧-୧୦୬୦ରେ ଏବଂ ଭାରତର ରଫାତ ହବିବ୍‌ଙ୍କଠାରୁ ୨୫୦-୩୫୦ରେ ହାରିଯାଇଥିଲେ। ''ଏହା ମୋ ଖେଳ ଜୀବନର ସବୁଠାରୁ ବଡ ଅଭିଜ୍ଞତା ହୋଇ ରହିବ।ମାଇକ ରସେଲ ଓ ଡେଭିଡ୍ କଜିୟର୍‌ଙ୍କ ଭଳି କିଂବଦନ୍ତିଙ୍କ ସହ ଖେଳିବା ମୋ ପାଇଁ ଶିକ୍ଷଣୀୟ ହୋଇଛି। ଦେଶ ବାହାରେ ପ୍ରଥମ ପ୍ରତିଯୋଗିତା ଭାବେ ଆଇରିସ୍ ଓପନ୍ ଚ୍ୟାଲେଞ୍ଜ୍ କପ୍‌ରେ ବିଜେତା ହୋଇ ପାଇଥିବା ଅନୁଭୂତି ମୋତେ ଭବିଷ୍ୟତରେ ଅଧିକ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ'' ବୋଲି ସୁବ୍ରତ ପ୍ରକାଶ କରିଛନ୍ତି। କଠିନ ପରିଶ୍ରମ ସହିତ ଆଡ୍‌ଭାନ୍ସଡ ପ୍ରଶିକ୍ଷଣ ନେଇ ଭବିଷ୍ୟତରେ ବିଶ୍ୱ ଟାଇଟଲ୍ ଜିତିବାକୁ ଚେଷ୍ଟା କରିବି ବୋଲି ସୁବ୍ରତ ପ୍ରକାଶ କରିଛନ୍ତି। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ନିରଂତର ସମର୍ଥନ ପାଇଁ କୃତଜ୍ଞତା ମଧ୍ୟ ଜ୍ଞାପନ କରିଛନ୍ତି। ରାଜ୍ୟରେ ଠିକଣା ଭିତ୍ତିଭୂମି ଉପଲବ୍ଧ ହେଲେ ଯୁବ ଖେଳାଳିମାନେ ଏଥିରୁ ଫାଇଦା ନେଇପାରନ୍ତେ ବୋଲି ସୁବ୍ରତ କହିଛନ୍ତି।

## ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ଦଳକୁ ଫେରିଲେ ରାଧା ଯାଦବ, ୟାସ୍ତିକା ଭାଟିଆ

ମୁମ୍ବାଇ,୩।୫: ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ସହ ଆଗାମୀ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ଲାଗି ବିସିସିଆଇ ଏକ ୧୫ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ବୋଲିଂ ଅଲରାଉଣ୍ଡର୍ ରାଧା ଯାଦବ ଏବଂ ୱିକେଟ୍ ରକ୍ଷକ ବ୍ୟାଟର୍ ୟାସ୍ତିକା ଭାଟିଆ ଦଳକୁ ଫେରିଥିଲା ବେଳେ ଆହତ ଥିବାରୁ କାଶ୍‌ଭୀ ଗେତମ ଓ ଅମନଜ୍ୟୋତ କୌର ବଞ୍ଚିତ ହୋଇଛନ୍ତି। ଶନିବାର ଅଧିନାୟିକା ହର୍‌ମନ୍‌ପ୍ରୀତ୍ କେର, ମୁଖ୍ୟ ପ୍ରଶିକ୍ଷକ ଆମୋଲ ମଜୁମଦାର, ମୁଖ୍ୟ ଚୟନକର୍ତ୍ତା ଅମିତା ଶର୍ମା ଏବଂ ବିସିସିଆଇ ସଂପାଦକ ଦେବଜିତ ସାଇକିଆ ଉପସ୍ଥିତ ଥିବା ବୈଠକରେ ସର୍ବସମ୍ମତିକ୍ରମେ ଦଳ ଚୟନ କରାଯାଇଥିଲା।



"ୟାଶିକାଙ୍କ ବାମଆଣ୍ଠୁରେ ଗୁରୁତର ଆଘାତ ଲାଗିବା ପରେ ସେ ଗତବର୍ଷର ଦିନିକିଆ ବିଶ୍ୱକପ୍ ସହ ଡବ୍‌ଲ୍ୟୁପିଏଲ୍ ମଧ୍ୟ ଖେଳି ପାରି ନଥିଲେ। ଏବେ କିନ୍ତୁ ସେ ସଂପୂର୍ଣ୍ଣ ଫିଟ୍ ଥିବାରୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। କାଶ୍‌ଭୀ ଓ ଅମନଜ୍ୟୋତ ବାଦ୍ ପଡିବା ପରେ ଦ୍ରୁତ ବୋଲର ନନ୍ଦାନୀ ଶର୍ମାଙ୍କୁ ପ୍ରଥମ ଥର ଭାରତୀୟ ଦଳକୁ ଡାକରା ମିଳିଛି। ଡାହାଣହାତୀ ବୋଲର୍ ନନ୍ଦାନୀ ଦିଲ୍ଲୀ କ୍ୟାପିଟାଲ୍‌ସର ପ୍ରଥମ ବୋଲର ଭାବେ ଡବ୍‌ଲ୍ୟୁପିଏଲ୍‌ରେ ହ୍ୟାଟ୍ରିକ୍ ନେଇଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ଏହାର ପୁରସ୍କାର ଦେଇଛନ୍ତି। ଏହି ୨୪ବର୍ଷୀୟା ବୋଲର୍ ଗୁଜରାଟ ଟାଇଟନ୍ସ ବିପକ୍ଷର ଏହି ସଫଳତା ଲାଭ କରିଥିଲେ।ଏହି ମ୍ୟାଚ୍‌ରେ ସେ ମଧ୍ୟ ୫ ୱିକେଟ୍ ସଫଳତା ପାଇଥିଲେ। ଡବ୍‌ଲ୍ୟୁପିଏଲ୍‌ର ୧୦ ମ୍ୟାଚ୍ ଖେଳି ୧୭ ୱିକେଟ୍ କରାୟତ୍ତ କରିଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ଭଲ ପ୍ରଦର୍ଶନ କରିବା ପରେ ଅନୁଷ୍କା ଶର୍ମାଙ୍କୁ ତାଙ୍କ ଜୀବନର ଅନ୍ୟତମ ବଡ ସୁଯୋଗ ମିଳିଛି। ସେ ମଧ୍ୟ ବିଶ୍ୱକପ୍ ଦଳରେ ସୁଯୋଗ ପାଇଛନ୍ତି। ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ୍ ଲାଗି ମଧ୍ୟ ଶନିବାର ୧୩ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହର୍‌ମନ୍‌ପ୍ରୀତ୍ କେର ସମସ୍ତ ଦଳର ଅଧିନାୟିକା ରହିଛନ୍ତି। ସୂଚନାଯୋଗ୍ୟ ଯେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌କୁ ଇଂଲଣ୍ଡ ତଥା ୱେଲ୍‌ସ ମିଳିତ ଭାବେ ଆୟୋଜନ କରିବେ।

ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତା ଜୁନ୍ ୧୨ରେ ଆରମ୍ଭ ହୋଇ ଜୁଲାଇ ୫ରେ ଶେଷ ହେବ।"" ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦଳ: ହର୍‌ମନ୍‌ପ୍ରୀତ୍ କେର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳୀ ବର୍ମା, ରିଚା ଘୋଷ, ୟାସ୍ତିକା ଭାଟିଆ, ନନ୍ଦାନୀ ଶର୍ମା, କ୍ରାନ୍ତି ଗୌଡ, ରାଧା ଯାଦବ, ଜେମିମା ରଡ୍ରିଗ୍ସ, ରେଣୁକା ସିଂହ, ଶ୍ରେୟଙ୍କା ପାଟିଲ, ଶ୍ରୀ ଚାରଣୀ, ଅରୁନ୍ଧତୀ ରେଡ୍ଡୀ, ଅନୁଷ୍କା ଶର୍ମା, ଦୀପ୍ତି ଶର୍ମା।

"ଲର୍ଡସ ଟେଷ୍ଟ୍ ଦଳ: ହର୍‌ମନ୍‌ପ୍ରୀତ୍ କେର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳୀ ବର୍ମା, ଜେମିମା ରଡ୍ରିଗ୍ସ, ପ୍ରତୀକା ରାୱଲ, ଶ୍ରୀ ଚାରଣୀ, ୟାସ୍ତିକା ଭାଟିଆ, ନନ୍ଦନୀ ଶର୍ମା, ହର୍ଲିନ ଦେଓଲ, ରେଣୁକା ସିଂହ, କ୍ରାନ୍ତି ଗେଡ, ଶାୟଲୀ ସତଘରେ, ସ୍ନେହ ରାଣା।""

# ମୁମ୍ବାଇକୁ ୮ ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ



ଚେନ୍ନାଇ,୩।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୪ତମ ମ୍ୟାଚ୍‌କୁ ଚେନ୍ନାଇ ସୁପର କିଙ୍ଗସ ୮ ୱିକେଟ୍‌ରେ ଜିତିଛି। ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ୧୬୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮.୧ ଓଭରରେ ୨ ୱିକେଟ୍ ହରାଇ ୧୬୦ ରନ୍ ସଂଗ୍ରହ କରିଛି। ଚେନ୍ନାଇ ପାଇଁ ପ୍ରାରମ୍ଭିକ ବ୍ୟାଟର ସଞ୍ଜୁ ସାମସନ ୧୧ ରନ୍, ଋତୁରାଜ ଗାଏକ୍ୱାର୍ଡ ଅପରାଜିତ ୬୭ ରନ୍, ଉର୍ଭି ପଟେଲ ୨୪ ରନ୍ ଓ କାର୍ତ୍ତିକ ଶର୍ମା ଅପରାଜିତ ୫୪ ରନ୍ କରିଥିଲେ। ଟସ୍ ଜିଣି ମୁମ୍ବାଇ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପାଇଁ ନମନ ଧୀର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୭ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୪ଟି ଚୌକା ଓ ୩ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ଉତ୍ସାହଜନକ ନଥିଲା। ପ୍ରାରମ୍ଭିକ ବ୍ୟାଟର ୫ଟି ବଲ୍ ଖେଳି ମାତ୍ର ଏକ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦଳ ଦ୍ୱିତୀୟ ୱିକେଟରେ ୫୯ ରନ୍‌ର ଭାଗିଦାରୀ କରିଥିଲା। ରାୟନ ରିକେଲ୍‌ଟନ ଏବଂ ନମନ ଧୀରଙ୍କ ଦ୍ୱାରା ଏହା ହୋଇଥିଲା। ରିକେଲ୍‌ଟନ ୩୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ୨୪ଟି ବଲ୍ ଖେଳି ୫ଟି ଛକା ମାରିଥିଲେ। ଚେନ୍ନାଇର ତୃତୀୟ ଶିକାର ହୋଇଥିଲେ ସୂର୍ଯ୍ୟକୁମାର ଯାଦବ, ଯିଏକି ୧୨ଟି ବଲ୍ ଖେଳି ୨୧ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଯୁବ ବ୍ୟାଟର ତିଳକ ବର୍ମା (୫ରନ୍) ମଧ୍ୟ ଭଲ ପ୍ରଦର୍ଶନ କରିପାରି ନଥିଲେ। ରୋବିନ ମିଞ୍ଜ ୫ ରନ୍ କରି ଆଉଟ୍ ହୋଇଥିଲେ।

# ମୁଁ ୬ ପୀଡିତାଙ୍କ ମଧ୍ୟରୁ ଜଣେ : ଫୋଗଟ



ନୂଆଦିଲ୍ଲୀ,୩।୫: ପୁଣି ଫେରିଛି ବ୍ରିଜଭୂଷଣ ସିଂହ ଓ ଭିନେଶ ଫୋଗଟ ବିବାଦ। ଶେଷରେ ମୁହଁ ଖୋଲିଛନ୍ତି ଅଲିମ୍ପିଆନ୍ ଭିନେଶ ଫୋଗଟ। ବ୍ରିଜଭୂଷଣଙ୍କ ନାମରେ ୨୦୨୩ ମସିହା ପ୍ରାରମ୍ଭରେ ୬ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଥିଲେ। ଏହି ମାମଲା ଏବେ ଆଦାଲତରେ ବିଚାରାଧୀନ ରହିଛି। ""ଭିନେଶ ଫୋଗଟ କିନ୍ତୁ ରବିବାର ଖୋଲାଖୋଲି କହିଛନ୍ତି 'ପୀଡିତା ୬ ଜଣଙ୍କ ମଧ୍ୟରୁ ମୁଁ ଜଣେ। ମହିଳାଙ୍କ ସମ୍ମାନ ଯୋଡି ହୋଇଥିବାରୁ ପୀଡିତାଙ୍କ ନାମ ଘୋଷଣା କରାଯିବା ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ କଟକଣା ରହିଛି। କିନ୍ତୁ ପରିସ୍ଥିତି ଏଭଳି ହୋଇଛି ଯେ ମୋତେ ଖୋଲାଖୋଲି କହିବାକୁ ପଡୁଛି।'' ଏକ ଭିଡିଓ ବାର୍ତ୍ତା ଜାରି କରି ଭିନେଶ କହିଛନ୍ତି 'ମାମଲା ଅଦାଲତରେ ଥିବାରୁ ମୁଁ ନିରବ ରହିଥିଲି। କିନ୍ତୁ ପରିସ୍ଥିତି ଭିନ୍ନ ହେବାରୁ ମୁଁ ମୁହଁ ଖୋଲୁଛି। ଦୀର୍ଘ ୧୮ ମାସ ପରେ ମୁଁ କୁସ୍ତିକୁ ଫେରିବାକୁ ଯାଉଛି।

""ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବାକୁ ଥିବା ଜାତୀୟ ମାନ୍ୟତା ପ୍ରତିଯୋଗିତା ଏବଂ ଟ୍ରାଏଲ୍ସର ପାତର ଅନ୍ତର କରାଯିବା ନିଶ୍ଚିତ। ଏହା ବ୍ରିଭଜୂଷଣଙ୍କ କଲେଜ ପରିସର ହୋଇଥିବାରୁ ଅଫିସିଆଲ୍‌ମାନେ ଯାହା ଇଚ୍ଛା କରିବେ। ପ୍ରତିଯୋଗିତା ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଫୋଗଟ ପ୍ରଶ୍ନ କରିଛନ୍ତି। ''କିଛି ଅଘଟଣ ଘଟିଲେ ଭାରତ ସରକାର ଦାୟୀ ରହିବେ। ମୁଁ କାହାରିଠାରୁ ଅନୁକମ୍ପା ଆଶା କରୁନାହୁଁ। ପ୍ରତିଯୋଗିତା ଯେଉଁଠି ହେଉଛି ସେଠାରେ ସ୍ୱଚ୍ଛତା ଆଶା କରାଯାଇପାରିବ ନାହିଁ। କାରଣ ସେଠାରେ ବ୍ରିଜଭୂଷଣଙ୍କ ପ୍ରଭାବ ରହିଛି। ପରିବେଶ ଏଭଳି ରହିଛି ଯେ, ମୁଁ ମଧ୍ୟ ନିଜର ୧୦୦ ପ୍ରତିଶତ ଦେବା ନେଇ ସନ୍ଦେହ ରହୁଛି। କାରଣ ସେଠାରେ ବ୍ରିଜଭୂଷଣ ମ୍ୟାଟ୍ ଅଧକ୍ଷ ଭଳି ହାଜର ରହିବେ।'' ଭିନେଶ ମଧ୍ୟ ଦେଶ ପାଇଁ ପୁଣି ପଦକ ଜିତିବାକୁ ଆଗ୍ରହୀ ଅଛନ୍ତି।

ମୁଁ କେଣସି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁନାହିଁ। ମ୍ୟାଟ୍ ଉପରେ କଠିନ ପରିଶ୍ରମ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଫଳାଫଳରେ ପ୍ରତିଫଳିତ ହେଉ' ବୋଲି ଭିନେଶ ପ୍ରକାଶ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ମାତ୍ରାଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହେବାରୁ ଅନ୍ୟୁନ ରେପ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିବା ପରେ ଭିନେଶ ଷଡଯନ୍ତ୍ର ଅଭିଯୋଗ ଆଣିଥିଲେ। ଏହା ପରେ ଭିନେଶ ଅବସର ଘୋଷଣା କରିଥିଲେ ମଧ୍ୟ ଏବେ ପ୍ରତ୍ୟାବର୍ତ୍ତନ ପ୍ରୟାସରେ ରହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ କୁସ୍ତି ସଂଘର ସଭାପତି ବ୍ରିଜଭୂଷଣ ସିଂହ ୬ ଥର ସାଂସଦ ଥିଲେ। ଏହି ବିବାବ ପରେ ଉଭୟ ପଦ ସେ ହରାଇଥିଲେ। ଗତ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକେଟ୍ ଦେଇନଥିଲା। ତେବେ କୁସ୍ତି ସଂଘ ନିର୍ବାଚନରେ ତାଙ୍କ ସମର୍ଥିତ ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ବ୍ରିଜଭୂଷଣଙ୍କ ନାମରେ ଯୌନ ନିର୍ଯ୍ୟାତନା ଆଣିଥିବା କୁସ୍ତିଯୋଦ୍ଧାଙ୍କ ନେତୃତ୍ୱ ନେଇଥିଲେ ଫୋଗଟ। ଫୋଗଟ ମଧ୍ୟ ଗତ ହରିୟାଣ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତିରେ ଯୋଗଦେଇ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଛନ୍ତି।""

## ରାଜ୍ୟ ତାଇକ୍ୱାଣ୍ଡୋ ଚାମ୍ପିୟନସିପ୍‌ରେ ଟିଏବି ଖେଳାଳିଙ୍କ ଐତିହାସିକ ସଫଳତା

# ୪୨ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ପଦକ ହାସଲ

**ବ୍ରହ୍ମପୁର,୩।୫:** ସ୍ଥାନୀୟ ବ୍ରହ୍ମପୁର ରେଳ ଷ୍ଟେସନ୍ ଠାରେ ଆଜି ପ୍ରାତଃ ସମୟରେ ଗଞ୍ଜାମ ଜିଲ୍ଲା ତରଫରୁ ତାଇକ୍ୱାଣ୍ଡୋ ଆସୋସିଏସନ୍ ଅଫ ବ୍ରହ୍ମପୁରର ଖେଳାଳି ମାନେ ରାଜ୍ୟସ୍ତରୀୟ ତାଇକ୍ୱାଣ୍ଡୋ ପ୍ରତିଯୋଗିତାରେ ଅସାଧାରଣ ସଫଳତା ଅର୍ଜନ କରି ବ୍ରହ୍ମପୁରରେ ପହଞ୍ଚିଥିଲେ। ଏନେଇ ସେମାନଙ୍କୁ ଆଜି ସଂଘ ପକ୍ଷରୁ ରେଳ ଷ୍ଟେସନ ଠାରେ ପୁଷ୍ପମାଳ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ତେବେ ସୂଚନା ପ୍ରକାରେ କଟକ ଜିଲ୍ଲାର ଜେ.ଏନ୍. ଇଣ୍ଡୋର ଷ୍ଟାଡିୟମ୍‌ରେ ଗତ ଏପ୍ରିଲ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ମ ରାଜ୍ୟ ତାଇକ୍ୱାଣ୍ଡୋ ଚ୍ୟାମ୍ପିୟନସିପ୍ ଆୟୋଜିତ ହୋଇଥିଲା। ଏଥିରେ ଟିଏବିର ଖେଳାଳି ମାନେ ମୋଟ ୭୪ଟି ପଦକ ହାସଲ କରିଥିବା ବେଳେ, ସେଥି ମଧ୍ୟରୁ ୪୨ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୭ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ରହିଛି । ତେବେ କ୍ୟୋରୁଗି ବିଭାଗରେ ସଫଳତା ହାସଲ କରି ସ୍ୱର୍ଣ୍ଣ ପଦକ ବିଜେତା ମାନେ ହେଲେ ଅମ୍ବିକା ସାବତ, ଆଲିଶା ସାବତ, ପି.ପ୍ରତିକ ପାତ୍ର, ରୁଦ୍ର ନାରାୟଣ ସାହୁ, ଶୁଭମ କୁମାର ସାହୁ, ଆଦ୍ୟାଶା ସାବତ, କୃତିକା ଦଳାଇ, ଶେଖର ଚୌଧୁରୀ, ଶୁଭଲଗ୍ନା ସ୍ୱାଇଁ, ଆରୋହୀ ପ୍ରିୟଦର୍ଶିନୀ, ରୋହନ କୁମାର, ରାକ୍ଷି ପଣ୍ଡା, ଆହାନା ରାଜଗୁରୁଙ୍କ ସମେତ ରୌପ୍ୟ ପଦକ ବିଜେତା ମାନେ ହେଲେ ଆଦିତି ନାୟକ, ସାଇ ପ୍ରଜ୍ଞାନ ଚର୍ଚ୍ଚି, ଏବଂ ଆଦର୍ଶ ନାୟକ, ବିଶାଳ ନାୟକ, ସ୍ୱଜୀତ କୁମାର ପଣ୍ଡା, ଅଭିଲାଷ କାନୁ ଗୋ ବର୍ମା, ପ୍ରୟାଶ ପାଢ଼ୀ, ଶୁଭଶ୍ରୀ ପାଢ଼ୀ, ସଞ୍ଜୀବନ ସାମନ୍ତରା ପ୍ରମୁଖ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁମ୍‌ସେ ବିଭାଗର ଇଣ୍ଡିଭିଜୁଆଲରେ ଆର୍ଯ୍ୟହି ଅମ୍ବି ପ୍ରିୟଦର୍ଶିନୀ, ଅମ୍ବିକା ସାବତ କାଂସ୍ୟ ପଦକ, ପେୟାରରେ ବିଶାଳ ନାୟକ ଓ ଆଇଶା ସେଠୀ ରୌପ୍ୟ, ପ୍ରତ୍ୟୁଷ ପାତ୍ର, ସ୍ମିତିକା ପଣ୍ଡା, ଆୟାନ୍ ଖାନ, ଆଦିତି ନାୟକ, ଆଲିଶା ସାବତ, ସାଇ ପ୍ରଜ୍ଞାନ ଚର୍ଚ୍ଚି ରୌପ୍ୟ ପଦକ ହାସଲ କରିଛନ୍ତି। ଫ୍ରି ଷ୍ଟାଇଲ୍ ପୁମ୍‌ସେରେ ଦମଦାର ପ୍ରଦର୍ଶନ କରି ଇଣ୍ଡିଭିଜୁଆଲ୍ ରେ ଆଦର୍ଶ ନାୟକ, ପି. ପ୍ରତିକ ପାତ୍ର, ରୁଦ୍ର ନାରାୟଣ ସାହୁ, ଆଇଶା ସେଠୀ, ଆଦ୍ୟାଶା ସାବତ, ସୁଭଲଗ୍ନା ସ୍ୱାଇନ ସ୍ୱର୍ଣ୍ଣ ପଦକ, ଆଦର୍ଶ ନାୟକ ଓ ଚୁନି ସାହୁ, ପି.ପ୍ରତିକ ପାତ୍ର, ଆଲିଶା ସାବତ, କୃତିକା ଦଳାଇ ଓ ବଳାଜୀ ପ୍ରସାଦ ପାଢ଼ୀ, ସୋନୁ ମହାରଣା



ଓ କାମିନୀ ନାୟକ, ମିକ୍ସଡ୍ ଟିମରେ ଶ୍ୟାମ ସୁନ୍ଦର ପାତ୍ର, ଆଦର୍ଶ ସାହୁ, ଆଦ୍ୟାଶା ସାବତ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସଂଘ ସଚିବ ତଥା ମୁଖ୍ୟ ପ୍ରଶିକ୍ଷକ ଇ ସତ୍ୟ ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଅବସରରେ ଟିଏବିର ଅଧ୍ୟକ୍ଷ ଶ୍ରୀ ଜିତେନ୍ଦ୍ର କୁମାର ମୁନିଙ୍କ ସମେତ ସଂଘର ଅନ୍ୟ ସଦସ୍ୟ ଓ ଖେଳାଳୀ ମାନଙ୍କ ଅଭିଭାବକ ମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଭବ୍ୟ ସ୍ୱାଗତ କରିବା ସହ ଶୁଭକାମନା ଓ ଆର୍ଶୀବାଦ ପ୍ରଦାନ କରିଥିଲେ।

# ନୋ ହ୍ୟାଣ୍ଡଶେକ ନୀତି ଉପରେ ପ୍ରଥମ ଥର ମୁହଁ ଖୋଲିଲେ ପାକିସ୍ତାନ ଅଧିନାୟକ ଆଘା

ଇସଲାମାବାଦ,୪।୫: ଗତ ବର୍ଷ ଏସିଆ କପ୍ ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ଆପଣେଇଥିବା ନୋ ହ୍ୟାଣ୍ଡଶେକ ନୀତି ଏବେ ବି ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଏହି ସମ୍ପର୍କରେ ପାକିସ୍ତାନ ଦଳର ଅଧିନାୟକ ସଲମାନ ଆଘା ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଏସିଆ କପ୍ ପୂର୍ବରୁ ଘଟିଥିବା ପହଲଗାମ ଆକ୍ରମଣ କାରଣରୁ ଭାରତୀୟ ଦଳ, ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବାକୁ ନିଷ୍ପତ୍ତି ନେଇଥିଲା। ସେଥି ପୂର୍ବରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ସେଠାରେ ସମସ୍ତେ ହାତ ମିଳାଇବା ସହ ଟ୍ରଫି ଶୁଟ୍ ହୋଇଥିଲା। ଏଣୁ ଟସ୍ ପାଇଁ ଗଲା ବେଳେ ଆଗକୁ କ'ଣ ଘଟିବାକୁ ଯାଉଛି, ମୋତେ ଜଣା ନ ଥିଲା। ମୁଁ ଆମ ମିଡିଆ ମ୍ୟାନେଜର ନଇମ ଭାଇଙ୍କ ସହ ଯାଇଥିଲି। ମ୍ୟାଚ୍ ରେଫରୀଙ୍କ ନାମ ମୋର ମନେ ନାହିଁ। କିନ୍ତୁ ସେ ମୋତେ ଦୂରକୁ ନେଇ କହିଥିଲେ ଯେ, ହ୍ୟାଣ୍ଡଶେକ ହେବ ନାହିଁ।"" ମୁଁ ତାଙ୍କୁ କହିଥିଲି, ଯଦି ହ୍ୟାଣ୍ଡଶେକ ନ ହେବ କୌଣସି ଅସୁବିଧା ନାହିଁ। ମୁଁ ବି ସେଥିଲାଗି ବିଶେଷ ଇଚ୍ଛୁକ ନୁହେଁ। ସେ ମୋତେ ଟସ୍ ପୂର୍ବରୁ ହିଁ କହିଥିଲେ। ମ୍ୟାଚ୍‌ରେ ପରାଜିତ ହେବା ପରେ ଆମେ ସେମାନଙ୍କ ଡ୍ରେସିଂ ରୁମ୍‌କୁ ଯାଇଥିଲୁ। କିନ୍ତୁ ସେମାନେ ହ୍ୟାଣ୍ଡଶେକ କରି ନ ଥିଲେ ବୋଲି ଆଘା ପ୍ରକାଶ କରିଛନ୍ତି।

# ପ୍ରଶଂସକଙ୍କୁ ଧମକାଇଲେ କ୍ଲାସେନ

ମୁମ୍ବାଇ୪।୫: ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଥିବା ଦକ୍ଷିଣ ଆଫ୍ରିକୀୟ ଖେଳାଳି ହେନେରିକ୍ କ୍ଲାସେଁଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ଏହି ଭିଡିଓରେ ସେ ଜଣେ ପ୍ରଶଂସକଙ୍କୁ ଧମକାଉଥିବା ଶୁଣାଯାଉଛି ।ଘଟଣାଟି ମୁମ୍ବାଇ ଏୟାରପୋର୍ଟର ବୋଲି ମନେକରାଯାଉଛି। କ୍ଲାସେଁ ନିଜ ପରିବାର ସହ ଯାଉଥିବାବେଳେ ଜଣେ ବ୍ୟକ୍ତି ତାହାର ଭିଡିଓ ଉତ୍ତୋଳନ କରୁଥିବା ଦେଖିବା ପରେ ସେ ତାହାକୁ ବାରଣ କରିଥିଲେ। ଖେଳାଳିଙ୍କ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଙ୍ଘନ କରିବା ସତ୍ତ୍ୱେ ସଂପୃକ୍ତ ବ୍ୟକ୍ତି ଭିଡିଓ ଉତ୍ତଳନ କରିଚାଲିଥିଲେ। ହାଇଓ୍ୱା ଗାଡି ଧକ୍କାରେ ରାତ୍ରୀ ଜଗୁଆଳିଙ୍କର ମୃତ୍ୟୁ" ଏହା ଦେଖି କ୍ଲାସେଁ କହିଲେ," ଏହା କରନାହିଁ , ମୋ କଥା ଶୁଣ, ଏହା କରନାହିଁ। ମୁଁ ନାହିଁ କହୁଛି, ଏଠାରୁ ଚାଲିଯାଅ।'' ସେ ଏପରି କହିବା ସତ୍ତ୍ୱେ ସଂପୃକ୍ତ ବ୍ୟକ୍ତି ତାହାକୁ କର୍ଣ୍ଣପାତ ନ କରି ଭିଡିଓ ଉତ୍ତୋଳନ ଜାରି ରଖିଥିଲେ। ଏହା ପରେ କ୍ଲାସେଁ ଟିକିଏ ବିରକ୍ତ ହୋଇ କହିଥିଲେ, " ଧନ୍ୟବାଦ, କିନ୍ତୁ ଫଟୋ ଉଠାଅ ନାହିଁ। ଯଦି ଫଟୋ ଉଠାଇବ ତେବେ ମୁଁ ତୁମକୁ ତଳକୁ ଖସାଇଦେବି ( ମାଡ଼ ମାରିବାକୁ ପଛାଇବି ନାହିଁ)''।

# ହାଇଦ୍ରାବାଦ୍ ବିପକ୍ଷରେ କୋଲକାତା ୭ ୱିକେଟ୍‌ରେ ବିଜୟୀ

ହାଇଦ୍ରାବାଦ୪।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୪୫ତମ ମ୍ୟାଚ୍‌କୁ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କୋଲକାତା ନାଇଟ୍ ରାଇଡର୍ସ ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା। ଦଳ ୧୮.୨ ଓଭରରେ ୩ ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଛି। ""

କୋଲକାତା ପାଇଁ ଅଙ୍ଗକ୍ରିଶ ରଘୁବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୭ଟି ବଲ୍ ଖେଳି ୫୯ ରନ୍ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ଏହା ପୂର୍ବରୁ ପ୍ରାରମ୍ଭିକ ବ୍ୟାଟର ଅଧିନାୟକ ଆଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ ପ୍ରଥମ ୱିକେଟ୍ ପାଇଁ ୪୯ ରନ୍‌ର ଭାଗିଦାରୀ କରିଥିଲେ। ଆଲେନ୍ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୨୯ ରନ୍ ସଂଗ୍ରହ କରିଥିଲେ। "କୋଲକାତା ନିଜର ସ୍କୋର ୧୩୩ ରନରେ ରହାଣେଙ୍କୁ ହରାଇଥିଲା। ରହାଣେ ୩୬ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ। ""ଟସ୍ ଜିଣି ଘରୋଇ ହାଇଦ୍ରବାଦ ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦରେ କୋଲକାତା ସଫଳ ରଣନୀତି ନେଇ ବୋଲିଂ କରିଥିଲା। ବରୁଣ ଚକ୍ରବର୍ତ୍ତୀ ଦଳ ପାଇଁ ସର୍ବାଧିକ ୩ଟି ୱିକେଟ ନେଇଥିଲେ। ସେ ୪ଓଭର ବୋଲିଂ ଖର୍ଚ୍ଚ କରି ୩୬ ରନ୍ ଦେଇଥିଲେ।



ସୁନୀଲ ନାରାୟଣ ଏବଂ କାର୍ତ୍ତିକ ତ୍ୟାଗୀ ୨-୨ଟି ୱିକେଟ୍ ଅକ୍ତିଆର କରିଥିଲେ। ବେଭବ ଅରୋରା, କେମରନ ଗ୍ରିନ ଏବଂ ଅନୁକୂଳ ରୟଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

"ହାଇଦ୍ରାବାଦର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ଏପରିକି ଦଳ ୧୦ ଓଭର ପରିସମାପ୍ତି ପରେ ୨ଟି ୱିକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଆଶା କରାଯାଉଥିଲା ଯେ, ସ୍କୋର ୨୦୦ ରନ୍ ଅତିକ୍ରମ କରିବ। କିନ୍ତୁ ପରବର୍ତ୍ତୀ ସମୟରେ ଦଳର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଟ୍ରାଭିସ ହେଡ୍ ଏବଂ ଈଶାନ କିଶନଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। କୋଲକାତାର ବୋଲରମାନଙ୍କ ଆଗରେ ହାଇଦ୍ରାବାଦର ବୋଲରମାନେ ଜଣକ ପରେ ଜଣେ ଆତ୍ମସମର୍ପଣ କରୁଥିଲେ। ""ଟ୍ରାଭିସ୍ ହେଡ୍ ବ୍ୟକ୍ତିଗତ ଭାବେ ୬୧ ରନ୍ ସଂଗ୍ରହ କରିଥିଲେ। ସେ ନିଜ ଇନିସରେ ୨୮ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ଈଶାନ କିଶନ ୨୯ଟି ବଲ୍ ଖେଳି ୪୨ ରନ୍ ଯୋଡିଥିଲେ। ସେ ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୫ ରନ୍ କରିଥିଲେ। ବିସ୍ଫୋରକ ବ୍ୟାଟର ହେନରି କ୍ଲାସେଁ ୧୧ ରନ୍ ଏବଂ ପେଟ୍ କମିନ୍ସ ୧୦ ରନ୍ କରିଥିଲେ। ""

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k